ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 JULY 2023

Vol.No. 35 ■ No. 182 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୨୨ଟି ଜିଲ୍ଲାରେ ନିଅଂଟିଆ ବର୍ଷା

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଚିନ୍ତା ବଢାଇଛି ନିଅଂଟିଆ ବର୍ଷା। ରାଜ୍ୟର ଅଧାରୁ ଅଧିକ ଜିଲ୍ଲାରେ ସ୍ଥିତି ସାଂଘାତିକ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରୀ ସୂଚନା ଅନୁଯାୟୀ ରାଜ୍ୟ୨୨ଟି ଜିଲ୍ଲାରେ ନିଅଂଟିଆ ବର୍ଷା ହୋଇଛି। ସବୁଠାରୁ ଖରାପ ସ୍ଥିତି ରହିଛି କଳାହାଣ୍ଡିର। କଳାହାଣ୍ଡି ଜିଲ୍ଲାରେ ସ୍ୱାଭାବିକ ଠାରୁ ୬୬% କମ୍ ବର୍ଷା ରେକର୍ଡ କରାଯାଇଛି। ୧୩ ଜିଲ୍ଲାରେ ଅତି ନିଅଂଟିଆ ବର୍ଷା ହୋଇଛି। ଯାହା ମଧ୍ୟରେ ରହିଛି ବୌଦ୍ଧ, ସୁବର୍ଣ୍ଣପୁର, ଜଗତସିଂହପୁର, ଯାଜପୁର ,ବଲାଙ୍ଗିର, କଟକ, କନ୍ଧମାଳ, ଗଂଜାମ, ରାୟଗଡ଼ା ,ପୁରୀ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ମୟୂରଭଂଜ ଜିଲ୍ଲା। କେବଳ ଦେବଗଡ଼ ଓ ସମ୍ବଲପୁରରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଦେବଗଡ଼ରେ ୧୭.୫% ଓ ସମ୍ବଲପୁରରେ ୫.୭% ଅଧିକ ବର୍ଷା ରେକର୍ଡ କରାଯାଇଛି।

ଦିଲ୍ଲୀ ଅଧ୍ୟାଦେଶକୁ ନେଇ ଆପ୍ ସରକାରଙ୍କ ଆବେଦନ ଉପରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୦/୦୭ : ଆମ୍ ଆଦମୀ ପାର୍ଟି (ଆପ୍) ନେତୃତ୍ୱାଧୀନ ଦିଲ୍ଲୀ ସରକାର ଜାତୀୟ ରାଜଧାନୀ ଦିଲ୍ଲୀରେ ସେବା ନିୟନ୍ତ୍ରଣ ଅଧ୍ୟାଦେଶ ବିରୋଧରେ ଦାଖଲ କରିଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ପିଏସ୍ ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର କେନ୍ଦ୍ର ସରକାରଙ୍କୁ ଏହି ନୋଟିସ୍ ଜାରି କରିଛନ୍ତି। ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କ ପକ୍ଷରୁ କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭିଙ୍କୁ ତାଙ୍କ ଆବେଦନରେ ସଂଶୋଧନ କରି ଉପ-ରାଜ୍ୟପାଳଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆପ୍ ସରକାର ତାଙ୍କ ଆବେଦନରେ କହିଛନ୍ତି ଯେ ଏହା ଏକ ଅସାମ୍ବିଧାନିକ କାର୍ଯ୍ୟ, ଯେଉଁଥିରେ ସୁପ୍ରିମ୍‌କୋର୍ଟ ଏବଂ ସମ୍ବିଧାନର ମୌଳିକ ଢାଞ୍ଚାକୁ ଉଚ୍ଛେଦ କରିବାକୁ ଚେଷ୍ଟା କରାଯାଇଛି। ତେଣୁ, ଏହି ଅଧ୍ୟାଦେଶକୁ ରଦ୍ଦ କରିବା ସହ ଦିଲ୍ଲୀ ସରକାର ଏହା ଉପରେ ଅନ୍ତରୀଣ ସୁଗିତାଦେଶ ମଧ୍ୟ ମାଗିଛନ୍ତି। ଏଥିସହ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିଷେକ ସିଂଘଭି ଦିଲ୍ଲୀ ସରକାରଙ୍କ ସହ କାମ କରୁଥିବା ୪୦୦ ବିଶେଷଜ୍ଞଙ୍କ ଚାକିରିରୁ ବହିଷ୍କାର ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ଏହାର ଜବାବରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଆଜି କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ ବିଧାୟକ ଏବଂ ଆପ୍ ଦଳର କର୍ମୀଙ୍କ ପତ୍ନୀଙ୍କୁ ଏହି ପଦବୀରେ ନିୟୋଜିତ କରାଯାଇଛି। ୪୩୭ ପରାମର୍ଶଦାତାଙ୍କୁ ହଟାଇବା ପ୍ରସଙ୍ଗରେ ଜବାବ ଦାଖଲ ପାଇଁ କେନ୍ଦ୍ରକୁ ସମୟ ଦିଆଯିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଆସନ୍ତା ଜୁଲାଇ ୧୭ ତାରିଖ ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଦିଲ୍ଲୀର ନିର୍ବାଚିତ ସରକାରଙ୍କ କ୍ଷମତାକୁ ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ମେ' ୧୯ ତାରିଖରେ ଏକ ଅଧ୍ୟାଦେଶ ଆଣିଥିଲେ। ଏଥିରେ ଦିଲ୍ଲୀରେ ପୁଲିସ, ଜନଶୃଙ୍ଖଳା ଓ ଜମି ସମ୍ବନ୍ଧୀୟ ସେବାକୁ ବାଦ୍ ଦେଇ ସୁପ୍ରିମ୍ କୋର୍ଟ ନିର୍ବାଚିତ ସରକାରଙ୍କୁ ସେବାର ନିୟନ୍ତ୍ରଣ ହସ୍ତାନ୍ତର କରିବାର କିଛି ଦିନ ପରେ ଏହି କାର୍ଯ୍ୟନିର୍ବାହୀ ଆଦେଶ ଜାରି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପରେ ଆପ୍ ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦେଶବ୍ୟାପୀ ଗସ୍ତରେ ଯାଇ ଦିଲ୍ଲୀ ଅଧ୍ୟାଦେଶ ବିରୋଧରେ ସମର୍ଥନ ହାସଲ କରିବା ପାଇଁ ଅଣବିଜେପି ଦଳମାନଙ୍କୁ ଭେଟିଥିଲେ। କେଜ୍ରିୱାଲ କହିଛନ୍ତି ଯେ ଏହି ଅଧ୍ୟାଦେଶ ଦେଶର ସଂଘୀୟ ଢାଞ୍ଚାକୁ ନଷ୍ଟ କରିବ।

ପାଣ୍ଡିଆନଙ୍କ ହାତରେ ବିଧାନସଭା ଓ ଲୋକସଭା ସାଧା ଟିକେଟ : ପ୍ରଦୀପ ପୁରୋହିତ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ସବୁ ବିଧାନସଭା ଓ ଲୋକସଭା ସାଧା ଟିକେଟ ପାଣ୍ଡିଆନଙ୍କ ହାତରେ ଅଛି। ସାଧା ଟିକେଟରେ ମୁଖ୍ୟମନ୍ତ୍ରୀ ଦସ୍ତଖତ କରିସାରିଛନ୍ତି। ଟିକେଟ ପାଣ୍ଡିଆନଙ୍କ ପାଖରେ ରହିଛି, ସେହିଁ ଟିକେଟ ବାଂଟିବେ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ବିଜେପି ନେତା ପ୍ରଦୀପ ପୁରୋହିତ। ସେ କହିଛନ୍ତି ବିଜେଡି ଆଉ ବିଜେଡି ହାତରେ ନାହିଁ। ବିଜେଡି ୫-ଟି ସଚିବଙ୍କ ହାତକୁ ଚାଲିଗଲାଣି ବୋଲି ମୋର ସନ୍ଦେହ। ବିଜେଡିର ବଡ଼ ବଡ଼ ନେତା ୫-ଟି ସଚିବଙ୍କୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଅସନ୍ତୁଷ୍ଟ ଥିଲେ ବି ଟିକେଟ୍ କଟିବା ଭୟରେ ସେମାନେ ବାହାରେ କିଛି ପ୍ରକାଶ କରିପାରୁନାହାନ୍ତି। ସେ ଆହୁରି କହିଛନ୍ତି ଯେ ଯଦି ବିଜେଡି ଜିତେ, ତା'ହେଲେ ମୁଖ୍ୟମନ୍ତ୍ରୀ ଆସନରେ ଅନ୍ୟ ଜଣେ ବସିଥିବେ। ମୁଖ୍ୟମନ୍ତ୍ରୀ ପ୍ରେସରରେ ଅଛନ୍ତି, ସେ କିଛି ଜାଣୁ ନାହାନ୍ତି। ଚକ୍ରବ୍ୟୁହ କରାଯାଇଛି, ୫-ଟି ସଚିବ ଯାହା ଚାହୁଁଛନ୍ତି, ସିଏମ୍ ତାହା କରୁଛନ୍ତି।

ଓଟିପି ସେୟାରିଂ ମାମଲା ଗିରଫ ଅଭିଯୁକ୍ତକୁ ଏନଆଇଏର ଜେରା

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଓଟିପି ସେୟାରିଂ ମାମଲାରେ ପୁଣେରୁ ଗିରଫ ହୋଇଥିବା ଅଭିଜିତ ସଞ୍ଜୟ ଜାମ୍ବୁରେକୁ ତାର ପାକିସ୍ତାନ, ଆଇଏସ୍‌ଆଇ ଓ ନାଇଜେରିଆ ଲିଙ୍କ୍ ନେଇ ଏନଆଇଏ, ଆଇବି, ଏସଟିଏଫ୍ ଜେରା କରିଛନ୍ତି। ଜେରା ବେଳେ ହନିଟ୍ରାପ ମାମଲା ସାମ୍ନାକୁ ଆସିଛି। ପାକିସ୍ତାନର ନୁର ଫାତିମା ନାମ୍ନୀ ଜଣେ ମହିଳାଙ୍କ ସହ ସିଏ ସମ୍ପର୍କରେ ଥିବା ଜଣାପଡିଛି । ନୁର ଫାତିମାଙ୍କ ସହ ପାକିସ୍ତାନ ଆର୍ମିର ବରିଷ୍ଠ ଗୁଇନ୍ଦା ଅଧିକାରୀ ଅବଦୁଲ ହମିଦ ସହ ଘନିଷ୍ଠ ସମ୍ପର୍କ ରହିଛି। ହମିଦ ନୁରକୁ ହନି ଟ୍ରାପରେ ବ୍ୟବହାର କରିଥିବା ମଧ୍ୟ ଜଣାପଡିଛି । ଅନ୍ୟପକ୍ଷରେ ଏହି ମାଲାରେ ଗିରଫ ହୋଇଥିବା ଓଡିଶାର ପଠାଣି ସାମନ୍ତର ମଧ୍ୟ ନୁର ଫାତିମା ସହ ଘନିଷ୍ଠତା ଥିବା ଜଣାପଡିଛି । ପ୍ରକାଶ ଥାଉ କି, ମାସକୁ ୫୦ ହଜାର ଟଙ୍କା ଲୋଭରେ ନୟାଗଡ଼ ଇଟାମାଟିର ପଠାଣି ସାମନ୍ତ ଲେଙ୍କା, ଆଇଟିଆଇ କଲେଜ ଅଂଚଳର ସରୋଜ କୁମାର ନାୟକ ଓ ଯାଜପୁର ଜିଲ୍ଲା ସୁଜନପୁର ଅଂଚଳର ସୌମ୍ୟ ପଟ୍ଟନାୟକ ପାକିସ୍ତାନ ଗୁଇନ୍ଦା ଏଜେଂଟଙ୍କୁ ବିଭିନ୍ନ ତଥ୍ୟ ଯୋଗାଇ ଆସୁଥିଲେ। ପ୍ରଥମେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୯ଟି ଦାମୀ ମୋବାଇଲ, ଲ୍ୟାପ୍‌ଟପ, ୪୭ଟି ସିମ୍‌କାର୍ଡ, ୬୧ଟି ଏଟିଏମ୍ କାର୍ଡ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ପରେ ଆତଙ୍କୀ ଲିଙ୍କ୍ ର ଗୁମର ପଦାକୁ ଆସିଥିଲା।

୬ ,୩୦୦ ଟଙ୍କା ଲାଂଚ ନେଉଥିବା ବେଳେ ଧରାପଡିଲେ ଅମିନ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଅମିନ। ବାଲେଶ୍ୱର-ମୟୂରଭଞ୍ଜ ବୃହତ ବନ୍ଦୋବସ୍ତ କାର୍ଯ୍ୟାଳୟରେ ଅମିନ ଥିବା ମାନସ ରଞ୍ଜନ ଦାସ ଜଣେ ବ୍ୟକ୍ତିଙ୍କ ଠାରୁ ୬ ,୩୦୦ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସୂଚନା ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କ ଜେଜେଙ୍କ ନାଁରେ ଥିବା ଜମିଜମା ସଂକ୍ରାନ୍ତୀୟ ରେକର୍ଡର ନକଲ କପି ପାଇଁ ଅମିନ ମାନସ ରଞ୍ଜନ ଦାସଙ୍କ ନିକଟକୁ ଯାଇଥିଲେ। ମାନସ ରଞ୍ଜନ ଦାସ ତାଙ୍କୁ ଆବଶ୍ୟକୀୟ କାଗଜପତ୍ରର ନକଲ କପି ଦେବା ପାଇଁ ଲାଂଚ ମାଗିଥିଲେ। ଆଜି ଅଭିଯୋଗକାରୀ ଅମିନ ମାନସ ରଞ୍ଜନ ଦାସଙ୍କୁ ୬ ,୩୦୦ ଟଙ୍କା ଦେଇଥିଲେ। ମାନସ ରଞ୍ଜନ ଦାସ ଉକ୍ତ ଟଙ୍କା ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କ ଠାରୁ ସମସ୍ତ ଲାଂଚ ଅର୍ଥ ଜବତ କରାଯାଇଛି।

କ୍ୟାବିନେଟ ବୈଠକରେ ୯ଟି ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାବିନେଟରେ ୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଆମ ଓଡ଼ିଶା, ନବୀନ ଓଡ଼ିଶା ନାମରେ ଏକ ନୂତନ ଯୋଜନା ଆରମ୍ଭ ହୋଇଛି। ଏହି ପ୍ରସ୍ତାବ ପାଇଁ ୪ ହଜାର କୋଟି ଟଙ୍କାର ଅନୁଦାନକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ଯୋଜନାରେ ପ୍ରତି ପଂଚାୟତକୁ ସ୍ୱତନ୍ତ୍ର ଅନୁଦାନ ମିଳିବ । କେନ୍ଦ୍ରାପଡ଼ା ଓ ଭଦ୍ରକରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୂଆବଜାର-ବାଲିତରା ଘାଟ ରାସ୍ତାଠାରେ ଖରସ୍ରୋତା ନଦୀ ଉପରେ ସେତୁ ନିର୍ମାଣ ହେବ।

▶▶ପୃଷ୍ଠା ୭

ପୁଂଛରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସେନା ଯବାନ ଆହତ

ପୁଂଛ, ୧୦/୦୭ (ନି.ପ୍ର): ପୁଂଛ ଜିଲ୍ଲାର ନିୟନ୍ତ୍ରଣ ରେଖା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ସେନା ଯବାନ ଆହତ ହୋଇଛନ୍ତି। ସୋମବାର ଏହି ସୂଚନା ଦେବାବେଳେ ସାମରିକ ଅଧିକାରୀ କହିଛନ୍ତି ଯେ କରେନୀ ସେକ୍ଟରର ଏକ ଗାଁରେ ପାଟ୍ରୋଲିଂ କରିବା ସମୟରେ ଯବାନ ହଠାତ୍ ଏକ ଲ୍ୟାଣ୍ଡମାଇନ୍ ଉପରେ ପାଦ ରଖିଦେବାରୁ ସେଠାରେ ବିରାଟ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଯବାନ ଆହତ ହୋଇଥିଲେ। ସେ କହିଛନ୍ତି ଯେ ଆହତମାନଙ୍କୁ ସାମରିକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ଯବାନ ଚିକିତ୍ସିତ ହେଉଛନ୍ତି। ଅଧିକାରୀ କହିଛନ୍ତି ଯେ ଅନୁପ୍ରବେଶ ଉଦ୍ୟମକୁ ରୋକିବା ପାଇଁ ନିୟନ୍ତ୍ରଣରେଣ ଭୂମିରେ ଲ୍ୟାଣ୍ଡମାଇନ୍ ଲଗାଯାଏ, ଯାହା ବର୍ଷା ହେତୁ ମାଟି ଧୋଇବା କାରଣରୁ ବେଳେ ବେଳେ ଏଭଳି ଦୁର୍ଘଟଣା ଘଟିଥାଏ।

ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନାମରେ ଲିଖିତ ଅଭିଯୋଗ ଆଣି ଥାନାରେ ପହଂଚିଲେ ସଂଯୁକ୍ତା

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନାମରେ ପୁଣି ଥରେ ଅଭିଯୋଗ ଆଣି ମହିଳା ଥାନାରେ ପହଂଚିଛନ୍ତି ବିଜେଡି ନେତ୍ରୀ ସଂଯୁକ୍ତା ମହଲା। ସେ ଅଭିଯୋଗ କରିଛନ୍ତି ଯେ ଯେ ଶ୍ରୀକାନ୍ତ ତାଙ୍କୁ ଗତ ୯ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଶୋଷଣ କରୁଥିଲେ । ଶ୍ରୀକାନ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ଦେଉଥିବା ସେ ଅଭିଯୋଗ କରିଛନ୍ତି ।ପୂର୍ବରୁ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର ଅଭିଯୋଗ ଆଣିଛନ୍ତି ବୋଲି ସେ କହିଛନ୍ତି । ତାଙ୍କ ବିରୁଦ୍ଧରେ ପରିବାର ଲୋକ ଆଣିଥିବା ଅଭିଯୋଗକୁ

▶▶ପୃଷ୍ଠା ୭

ମମତାଙ୍କ ପୁତୁରାଙ୍କୁ ସୁପ୍ରିମ୍‌କୋର୍ଟ ଝଟକା: ଇଡି ଓ ସିବିଆଇ କରିବେ ତଦନ୍ତ

ପଶ୍ଚିମବଙ୍ଗ, ୧୦/୦୭ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କୁ ସୁପ୍ରିମ୍‌କୋର୍ଟ ଦେଲେ ଝଟକା। ଚାଲିବ ଶିକ୍ଷକ ନିଯୁକ୍ତି ଦୁର୍ନୀତିର ଇଡି ଓ ସିବିଆଇ ତଦନ୍ତ। କୋଲକାତା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ କୌଣସି ସଂଶୋଧନ ମଧ୍ୟ କରାଯିବନି। ଅଭିଷେକଙ୍କ ଆବେଦନକୁ ଖାରଜ୍ କରିବା ସହ ଆଜି ଏହି ଶୁଣାଣି କରିଛନ୍ତି ସୁପ୍ରିମ୍‌କୋର୍ଟ। ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟ ମାମଲାର ଶୁଣାଣି କରିଥିଲେ। ଗତ ଏପ୍ରିଲ ୨୮ ତାରିଖରେ ଅଭିଷେକଙ୍କ ମାମଲାକୁ ଏକ ନୂଆ ବେଞ୍ଚ ଜରିଆରେ ଶୁଣାଣି କରିବାକୁ କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ୍‌କୋର୍ଟ। ନୂଆ ବେଞ୍ଚରେ ମାମଲାକୁ ଶୁଣାଣି କରିଥିବା ଜଷ୍ଟିସ୍ ଅମ୍ରିତା ସିହ୍ନା ଅଭିଷେକଙ୍କ ଆବେଦନକୁ ମେ' ୧୮ରେ ଖାରଜ୍ କରିଦେଇଥିଲେ।



▶▶ପୃଷ୍ଠା ୭

ଫ୍ରାନ୍ସଠାରୁ ୨୬ ରାଫେଲ ଓ ୩ ବୁଡ଼ା ଯାହାଜ କିଣିବ ଭାରତ

ନୂଆଦିଲ୍ଲୀ, ୧୦/୦୭ (ନି.ପ୍ର): ଫ୍ରାନ୍ସଠାରୁ ୨୬ଟି ରାଫେଲ ଓ ୩ ସ୍କୋରପେନି ବର୍ଗର ବୁଡ଼ା ଯାହାଜ କିଣିବ ଭାରତ। ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଗସ୍ତ ବେଳେ ଏହି ପ୍ରସ୍ତାବ ସୁରକ୍ଷା ବିଭାଗ ପକ୍ଷରୁ ଦିଆଯିବ। ଏହି ଡିଲ୍ ସଫଳ ହେଲେ ସିଙ୍ଗଲ ସିଟ୍ ଥିବା ୨୨ଟି ରାଫେଲ ମେରାଇନ୍ ଯୁଦ୍ଧ ବିମାନ ଓ ୪ଟି ତାଲିମ ଯୁଦ୍ଧ ବିମାନ ପାଇବ ଭାରତୀୟ ଜଳସେନା। ସୁରକ୍ଷା ଦୃଷ୍ଟିରୁ ଏହି ଯୁଦ୍ଧ ବିମାନ ଆବଶ୍ୟକ ଥିବା ଦର୍ଶାଇ ଯୋଗାଇ ଦେବାକୁ ସରକାରଙ୍କୁ ଜଣାଇ ଆସୁଛି ଜଳସେନା ବିଭାଗ। ଏବେ ଯୁଦ୍ଧ ବିମାନ ବାହି କ୍ଷମତା ରଖିଥିବା ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ଓ ବିକ୍ରାନ୍ତରେ ମିଗ୍-୨୯ ଚଳାଚଳ କରିପାରୁଛି। ଏହି ଯୁଦ୍ଧ ଯାହାଜମାନଙ୍କ ଉପରେ ରାଫେଲ ମୁତୟନ କରିବା ଆବଶ୍ୟକ ହୋଇପଡ଼ିଛି। ସେହିପରି ସୁରକ୍ଷା ଦୃଷ୍ଟି କୋଣରୁ ସ୍କୋରପେନି ବର୍ଗର ବୁଡ଼ା ଯାହାଜ ମଧ୍ୟ ଆବଶ୍ୟକ ହୋଇପଡ଼ିଛି। ଏଥିପାଇଁ ପ୍ରାୟ ୯୦ ହଜାର କୋଟି ଟଙ୍କାର ଡିଲ୍ ହେବାକୁ ଯାଉଛି। ପୂର୍ବରୁ ୩୬ଟି ଯୁଦ୍ଧ ବିମାନ ଆଣିବା ନେଇ ହୋଇଥିବା ଡିଲ୍ ଭଳି ଏହାକୁ ଉଭୟ ପକ୍ଷରେ ସୁବିଧାରେ

▶▶ପୃଷ୍ଠା ୭

ଉତ୍ତରପ୍ରଦେଶରେ ବଜ୍ରପାତ ଓ ବର୍ଷା ନେଲା ୩୪ ଜୀବନ: ଉତ୍ତର ଭାରତରେ ଗଲାଣି ୨୮ ଜୀବନ

ନୂଆଦିଲ୍ଲୀ,୧୦/୦୭ : ଉତ୍ତରପ୍ରଦେଶରେ ବଜ୍ରପାତ ଓ ପ୍ରବଳ ବର୍ଷା ଜନିତ ଅଘଟଣରେ ଗଲାଣି ୩୪ ଜୀବନ। ଗତ ୩ ଦିନ ଧରି ଲାଗି ରହିଥିବା ପ୍ରବଳ ବାର୍ଷା ସାଙ୍ଗକୁ ବଜ୍ରପାତ ଏହି ଅଘଟଣ ଘଟାଇଛି। ଗତ ୨୪ ଘଣ୍ଟା ଭିତରେ ଏଠାରେ ୧୦ ଜୀବନ ଯାଇଛି। ସରକାରୀ ସୂଚନା ମୁତାବକ, ଯାଇଥିବା ୩୪ ଜୀବନ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ବଜ୍ରପାତ ଯୋଗୁ ହୋଇଛି। ଯେତେବେଳେ କି ପାଣିରେ ବୁଡ଼ି ୧୨ ଜୀବନ ଯାଇଛି। ବର୍ଷା ପାଣି ସୁଅରେ ଭାସିଯାଇ ଓ ମାଟି ଅତଡ଼ା ଖସିବା ଯୋଗୁ ୫ ଜଣଙ୍କ ଜୀବନ ଯାଇଛି।

▶▶ପୃଷ୍ଠା ୭

ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ବସ୍ତା , ୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଜିଲ୍ଲାସ୍ତରୀୟ କମିଟିକୁ ପୁନର୍ଗଠିତ କରିଛନ୍ତି । ଏହି ନୂତନ କମିଟିରେ ୨୮ ନମ୍ବର ଜୋନର ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ(ବାବୁଲା ପଟ୍ଟନାୟକ) ଙ୍କୁ ଉପସଭାପତି ପଦ ମିଳିଥିବାରୁ ଦଳର ସର୍ବୋଚ୍ଚ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳର ରାଜ୍ୟ ସଙ୍ଗଠନ ସଂପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ଙ୍କୁ କସିପଦା ପଞ୍ଚାୟତ ତରଫରୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହିତ ପଞ୍ଚାୟତ ସଭାପତି ବିନୟ କୁମାର ବେହେରାଙ୍କ ଆବାହନ ରେ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି, ଅନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ସରପଞ୍ଚ ଗଙ୍ଗାମଣି ବେହେରା , ସମିତିସଭ୍ୟା ଭଗବତୀ ପଣ୍ଡା,ଜଗଦୀଶ ବେହେରା, ବଂଶୀଧର ପଣ୍ଡା, ଗଦାଧର ବେହେରା, ତପନ ନାୟକ, ଗଦାଧର ମହାପାତ୍ର, ଖଗେନ୍ଦ୍ର ନାଥ ରଣା , ଚିନ୍ତାମଣି ଦଣ୍ଡପାଟ, ସଞ୍ଜୟ ପଣ୍ଡା, କମଳା କାନ୍ତ ବେହେରା, ଅର୍ଜୁନ ଦାସ , ସମସ୍ତ ୱାର୍ଡ ମେମ୍ବର ସହ ଦଳର ଶତାଧିକ କର୍ମୀ ପ୍ରମୁଖ ଉପସ୍ଥିତ ରହି ତାଙ୍କର ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ପୋଡାଡିହା ଗ୍ରାମରେ ମୁନିସମାଜର ବ୍ରହ୍ମଯଜ୍ଞ

ରୂପସା , ୧୦/୦୭ (ନି.ପ୍ର): ପୋଡାଡିହା ଗ୍ରାମନିବାସୀ ଯୋଗୀ ରାମଚନ୍ଦ୍ର ବେହେରା-ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରାଙ୍କ ସୁ ପୁତ୍ର ମୁନି ଅଶୋକ ବେହେରା-ମୁନିମତୀ ମିନତୀ ବେହେରାଙ୍କ ସୁ ପୁତ୍ର ଆୟୁଷ୍ମାନ ବିଭୂରଞ୍ଜନ ବେହେରାଙ୍କ ଚୂଡାକରଣ ସଂସ୍କାର କାର୍ଯ୍ୟକ୍ରମ,ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜୋନ୍ ସଙ୍ଗଠକ,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ,ଯୋଗୀ ଚନ୍ଦ୍ରମୋହନ ମୁନିଜୀ ମହୋଦୟ,ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ,ଯୋଗ ଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି ମହୋଦୟା, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଇତ୍ୟାଦି ବହୁ ସିଦ୍ଧ-ସାଧିକା ବୃନ୍ଦ ।ଉପଦେଷ୍ଟା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଉପଦେଷ୍ଟା,ମୁନିରତ୍ନ ଆତ୍ମଜ୍ଞାନୀ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ ।ଉପସ୍ଥିତ ଥିଲେ,ପରିବାରର ସମସ୍ତ ସଦସ୍ୟ-ସଦସ୍ୟା,ବନ୍ଧୁ ବାନ୍ଧବ ଝିଅ ଜ୍ୱାଇଁ ମାନେ,ସାହି ପଡିଶା ମାନେ ତଥା ହାତିଆଡିହା ଶିବମୁନି ଯୋଗାଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ସୁମତୀ ଦଳାଇ, ବିମଳା ଲେଙ୍କା,ବାସନ୍ତୀ ମହାଳିକ, ମୁନିମତୀ ସରସ୍ୱତୀ ନନ୍ଦ,ଜାହ୍ନବୀ ଗିରି,ସୀତା ବେହେରା ,ମୁନି ନାରାୟଣ ମହାପାତ୍ର ଏବଂ ମୁନି କୁମାର ତ୍ରିଶାନ୍ ମିସ୍ତ୍ରୀ ଇତ୍ୟାଦି ବହୁ ସାଧକ ସାଧିକା ବୃନ୍ଦ ।ପ୍ରଥମେ ଜେଜେ ଯୋଗୀ ରାମଚନ୍ଦ୍ର ବେହେରା ପୁଷ୍ପମାଲ୍ୟ ସହିତ ଉତ୍ତରୀୟ ପ୍ରଦାନ କରି ମଞ୍ଚକୁ ମଞ୍ଚାସୀନ ମାନଙ୍କୁ ଆବାହନ କରି ଥିଲେ । ତା'ପରେ ସଭାପତି ଙ୍କ ଦ୍ୱାରା ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ବିଭୁ ରଞ୍ଜନର ମଣ୍ଡନ କାର୍ଯ୍ୟ କ୍ରମ କରାଯାଇ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ହାତିଆଡିହା ଶିବମୁନି ଯୋଗାଶ୍ରମ ର ବହୁ ମୁନି ପରିବାର ହିନ୍ଦୁଧର୍ମର ଷୋହଳ ସଂସ୍କାର ମୁନିସମାଜ ମତରେ ପାଳନ କରି ଚାଲିଛନ୍ତି ବୋଲି ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ପ୍ରତିଦିନ ଯମ ନିୟମ ପାଳନ କରି ଯୋଗ ସାଧନ ଜାରି ରଖି ଚାଲିଥିଲେ ଜଣେ ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଶେଷରେ,ଜେଜେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ସମ୍ପର୍କିତ ଆଲୋଚନା ଚକ୍ର

ବାରିପଦା , ୧୦/୦୭ (ନି.ପ୍ର): ପରିବେଶ ପତ୍ରିକା 'ନବ ସବୁଜିମା', ବାରିପଦା ଓ ବିଜୁଳି ବେହେରା ଫାଉଣ୍ଡେସନ, ଇଶାଣପୁରର ମିଳିତ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ବାଲିଆ (ଯାଜପୁର ଜିଲ୍ଲା) ନିକଟସ୍ଥ ଇଶାଣେଶ୍ୱରୀ ହାଇସ୍କୁଲ ପରିସରରେ ପରିବେଶ ଓ ବୃକ୍ଷରୋପଣ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭ ଜିଲ୍ଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି ମୁଖ୍ୟ ଅତିଥି, ନବ ସବୁଜିମାର ସମ୍ପାଦକ ହରିହର ଦାସ ସମ୍ମାନିତ ଅତିଥି, ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବୃକ୍ଷ ଓ ପରିବେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ଅରୁଣା କର ଓ ପ୍ରକୃତି ବନ୍ଧୁ ତରୁଣ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥି ନିମନ୍ତେ ନଅଟି ହାଇସ୍କୁଲର ୬୪ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଅଙ୍କିତ ଜେନା, ଆଦ୍ୟାଶା ମହାନ୍ତି, ସମୀର ଓଝା, ଶୁଭସ୍ମିତା ଜେନା, ସୁଶୀଳ କୁମାର ଭୂୟାଁ ଓ ସୌମ୍ୟ ରଂଜନ ମହଲଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଥିଲା । ଶେଷରେ ଫାଉଣ୍ଡେସନର ଅଧ୍ୟକ୍ଷ କର୍ଣ୍ଣଚନ୍ଦ୍ର ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା ।

ସେବା କାଗଜ କଳ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ମ୍ୟାନେଜମେଂଟ ଆସିଲା ନାହିଁ: ପରବର୍ତ୍ତୀ ମିଟିଂ ଜୁଲାଇ ୧୯ରେ

ଜୟପୁର, ୧୦/୦୭ (ନି.ପ୍ର):- ଆଜି ସେବା କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଶ୍ରମ କମିଶନର ସ୍ଥାନୀୟ ଉପ ଶ୍ରମ ସଂସ୍ଥାପକ ଙ୍କ ଜରିଆରେ ଚାରୋଟି ୟୁନିଅନ ଓ ମ୍ୟାନେଜମେଂଟର ମିଳିତ ମିଟିଂ ଡକେଇଥିଲେ । କିନ୍ତୁ ମ୍ୟାନେଜମେଂଟ କଂଚାମାଲ ଯୋଗାଡ଼ରେ ବ୍ୟସ୍ତ ଥିବା ଦର୍ଶାଇ ମିଟିଂ କୁ ନଆସି ସମୟ ଗଡେଇବା ପାଇଁ ଏକ ଚିଠି ପ୍ରେରଣ କରିଥିଲେ । ତାକୁ ନେଇ ଯୁଗ୍ମ ଶ୍ରମ କମିଶନରଙ୍କ ଉପସ୍ଥିତି ରେ ଶ୍ରମିକ ପ୍ରତିନିଧି ମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରମିକ ସଂଘ ପ୍ରତିନିଧି ମାନେ କହିଥିଲେ ଯେ ଦୀର୍ଘ ତିନି ବର୍ଷ ହେଲା ମ୍ୟାନେଜମେଂଟ ଆଲୋଚନା କରିବା, ସବୁ ସମସ୍ୟା ସମାଧାନ କରିବା ପାଇଁ ଆଶ୍ୱାସନା ଦେଇ ବାରମ୍ବାର ଧୋକା ଦେଉଛି । ନୂଆ କମ୍ପାନୀ ନାଁରେ ସେହି ପୁରୁଣା ମ୍ୟାନେଜମେଂଟ କାମ କରୁଥିଲେ ମଧ୍ୟ ନୂଆ କମ୍ପାନୀ ଆର୍ଥିକ ଦୂରାବସ୍ଥା କଥା କହି ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି । ଯଦିଓ ଦୁଇଟି ଯାକ ମେସିନ୍ ଠିକ୍ ଭାବରେ ଚାଲୁଅଛି, ଶ୍ରମିକ ମାନଙ୍କ ସଂଖ୍ୟା ଯଥେଷ୍ଟ କହିଥିଲେ ମଧ୍ୟ କାରଖାନା ଚଲେଇବା ପାଇଁ ଅଧିକ କାମ କରୁଛନ୍ତି କିନ୍ତୁ ସେମାନଙ୍କୁ ମାସ ମାସ ଧରି ଅଧା ଦରମା ମଧ୍ୟ ଦିଆଯାଉନାହିଁ । କଂଟ୍ରାକ୍ଟର ଲେବର ସେକ୍ୟୁରିଟୀ ଗାର୍ଡ ମାନେ ପାଂଚ ମାସ ହେଲା ଦରମା ପାଇନାହାନ୍ତି । କିନ୍ତୁ ଏହି ନୂଆ କମ୍ପାନୀ ମଦର ଆର୍ଥ୍ ନାଁ ରେ ମ୍ୟାନେଜମେଂଟ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ୨୦୨୦ ଜୁନ୍ ମାସ ଆଠ ତାରିଖରେ ନେଇଛି । ଯେହେତୁ ବ୍ୟଙ୍କର ଋଣ ହେରଫେର କରି ଖାଇଯାଇଛନ୍ତି ଆଜି କାରଖାନା ଚଲେଇବା ପାଇଁ କଂଚାମାଲ କେମିକାଲ କୋଇଲା ଆଦି ଆସିପାରୁ ନାହିଁ । ରାଜ୍ୟ ସରକାର ଙ୍କ ଠାରୁ ଏନ୍ ଓ ସି ନନେଇ ଏହି କାରଖାନା କିଣାବିକା ହୋଇଛି । ରାଜ୍ୟ ସରକାର ୨୦୨୧ ରେ ଏନ୍ ଓ ସି ଦେବା ପୂର୍ବରୁ ଶ୍ରମିକ ସଂଗଠନ ମାନେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ମନ୍ତ୍ରୀ ମାନଙ୍କୁ ଶ୍ରମିକ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ନିବେଦନ କରିବା ସତ୍ତ୍ୱେ ରାଜ୍ୟ ଶାସନ ପ୍ରଶାସନ ନୀରବ ରହିଲେ । ୨୦୨୦ ରୁ ଅବସର ନେଇଥିବା ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଟଙ୍କା ପାଇପାରୁ ନାହାନ୍ତି, ପେନସନ ସୁବିଧାରୁ ବଂଚିତ । ଗ୍ରାଚ୍ୟୁଇଟି ପାଇଁ କେସ୍ କଲେ ମଧ୍ୟ ମିଳୁନାହିଁ । ୩୨ ଜଣ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି, ସେମାନଙ୍କ ପରିବାର କୁ ଗ୍ରାଚ୍ୟୁଇଟି ଦେବା ପାଇଁ ଲିଖିତ ଭାବେ ଦେଇଥିଲେ ମଧ୍ୟ ମ୍ୟାନେଜମେଂଟ ଫାଙ୍କି ଚାଲିଛି । ରାଜ୍ୟ ସରକାରଙ୍କ ଶ୍ରମ ମନ୍ତ୍ରୀ ଙ୍କୁ ଡିଏଲସି ଙ୍କ ଜରିଆରେ ଏକ ଦାବିପତ୍ର ଦେଇ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ମାନଙ୍କ ପକ୍ଷରୁ ୨୧ ଜୁନ୍ ରୁ ପ୍ରତ୍ୟହ ସକାଳ ୧୦ଟାରୁ ୧୧ ଟା ପର୍ଯ୍ୟନ୍ତ ଧାରଣା ଚାଲିଛି । ଶ୍ରମିକ ମାନେ କାରଖାନା ଭିତରେ ଦାବି କଲେ ମ୍ୟାନେଜମେଂଟ ଓ ତାର ମୁଖ ପାତ୍ର ମାନେ କାରଖାନା ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ପ୍ରଚାର ହେଉଛି । ଏଣୁ ରାଜ୍ୟ ସରକାରଙ୍କୁ ଗୁହାରି କରି ଧାରଣା ଚାଲିଛି ଏବଂ ଆଗକୁ ଜାରି ରହିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଆଜିର ଯୁଗ୍ମ ଶ୍ରମ କମିଶନର ଙ୍କ ସହ ମିଟିଂ ରେ ଚାରୋଟି ୟୁନିଅନ ପକ୍ଷରୁ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ବନମାଳୀ ପାତ୍ର, ବଂଶୀଧର ମହାକୁଡ଼, ସରୋଜ ସୁଆର,ତାରା ପ୍ରସାଦ ପ୍ରଧାନ, ଉଜବୀନ ନାଏକ, ଏମ୍ ସତ୍ୟ ନାରାୟଣା, ଧିରେନ୍ଦ୍ର ମାହାନ୍ତି ଯୋଗଦାନ କରିଥିଲେ ।

କେନ୍ଦ୍ରାପଡ଼ାରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ

କେନ୍ଦ୍ରାପଡ଼ା, ୧୦/୦୭ (ନି.ପ୍ର): କେନ୍ଦ୍ରାପଡା ଜାତୀୟ ମତ୍ସ୍ୟଚାଷୀ ଦିବସ ୨୦୨୩ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅରବିନ୍ଦ ସ୍ୱାଇଁ, ପଶୁ ସମ୍ପଦ ବିଭାଗର ଉପ ନିର୍ଦ୍ଦେଶକ ଡ଼ଃ ପ୍ରଭଞ୍ଜନ କବି, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ମହମ୍ମଦ ଫିରୋଜ, କୋକିଳା ମଞ୍ଜରୀ ନାୟକ ଓ ମୃତିକା ସଂରକ୍ଷଣ ବିଭାଗର ନିହାରିକା ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ମତ୍ସ୍ୟଚାଷ କରୁଥିବା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ମତ୍ସ୍ୟ ସମ୍ପଦର ବିକାଶ ଓ ମସାଷକୁ ବୃତି ରୂପରେ ଗ୍ରହଣ କରିଥିବା ମତ୍ସ୍ୟଚାଷୀ ମାନଙ୍କ ଉତୋରତର ଉନ୍ନତି ପାଇଁ ବୈଜ୍ଞାନିକ ପଦ୍ଧତିରେ କରାଯାଉ ଥିବା ବାୟୋଫ୍ଲଗ(କୁଣ୍ଡରେ ମତ୍ସ୍ୟଚାଷ), ମହିଳା ମତ୍ସ୍ୟଚାଷୀ ଉଦ୍ୟୋଗୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମତ୍ସ୍ୟଚାଷୀ ପରିବାର ର ୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା । ଏଥିସହିତ ରାଜନଗରର ସୌଦାମିନୀ ସ୍ୱାଇଁ, ଡେରାବିଶ ର ନିଳିମା ସାହୁ, ପଟ୍ଟାମୁଣ୍ଡାଇର ଫାଲଗୁନୀ ମାଇତି, କେନ୍ଦ୍ରାପଡା ବ୍ଲକ ଜଂଟିଲୋ ଗ୍ରାମର ମତ୍ସ୍ୟଚାଷୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା ।

ଧର୍ମଶାଳା ବିଜୁ ଜନତା ଦଳର ମିଶ୍ରଣ ପର୍ବ

ଧର୍ମଶାଳା, ୧୦/୦୭ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପଟୁଣିଆ ପଂଚାୟତର ବିଜେପି ଓ କଂଗ୍ରେସ କର୍ମୀମାନେ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଜି ଅପରାହ୍ନରେ ଧର୍ମଶାଳାର ବିଜୁ ଜନତା କାର୍ଯ୍ୟାଳୟଠାରେ ଧର୍ମଶାଳାର ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, ନିରଞ୍ଜନ ବଳ, ଅମରେନ୍ଦ୍ର ରାୟ, କେଦାର ଗନ୍ତାୟତ, ଅକ୍ଷୟ ଗନ୍ତାୟତ, ଚନ୍ଦନ ଦଳେଇ, ଦିପ୍ତିରଞ୍ଜନ ସାମଲ, ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନ, କ୍ଷୀତିଶ ମହାନ୍ତି ଓ ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଘରୋଇ ସ୍କୁଲ ଭ୍ୟାନ ଧକ୍କାରେ ବାଇକ୍ ଚାଳକ ମୃତ

ଧର୍ମଶାଳା, ୧୦/୦୭ (ନି.ପ୍ର): ଆଜି ସକାଳ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଧର୍ମଶାଳା ଥାନା ଅନ୍ତର୍ଗତ ଭୁବନ କେଲୁଅ ନଦୀ ବନ୍ଧ ରାସ୍ତା ଉପରେ ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇ ଘରୋଇ ସ୍କୁଲ ଭ୍ୟାନ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ମୃତ ଯୁବକ ଜଣକ ହେଲେ ଧର୍ମଶାଳା ବ୍ଲକ କଦମପାଳ ଗ୍ରାମର ସ୍ୱର୍ଗତ ବୃନ୍ଦାବନ ମହାନ୍ତିଙ୍କ ପୁଅ ଅମନ(୩୫)ବୋଲି ଜଣାପଡିଛି । ସୂଚନା ମୁତାବକ,ଆଜି ସକାଳ ସାଢେ ୬ଟା ସମୟରେ ଅମନ ଯାଜପୁର ରୋଡକୁ ଏକ କମ୍ପାନୀରେ କାମରେ ଯୋଗ ଦେବା ପାଇଁ ହିରୋ ଗ୍ଲାମର ବାଇକ(ଓଡି୦୪ପି୭୩୪୬)ରେ କଦମପାଳ-ଗୋକର୍ଣ୍ଣେଶ୍ୱର କେଲୁଅ ନଦୀ ବନ୍ଧ ରାସ୍ତା ଦେଇ ଯାଉଥିଲେ । ଧର୍ମଶାଳା ଥାନା ଅନ୍ତର୍ଗତ ଭୁବନ ନିକଟରେ ତାଙ୍କୁ ଏକ ଘରୋଇ ସ୍କୁଲ ଭ୍ୟାନ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ନିଆଯାଉଥିବା ସମୟରେ ବାଟରେ ଗୁରୁତର ହେବାରୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଧର୍ମଶାଳା ପୋଲିସ ତଦନ୍ତ କରି ଫେରାର ଗାଡିକୁ ଜବତ କରିବା ସହ ଶବକୁ ବଡଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରିଥିବା ଜଣାପଡିଛି । ତେବେ ଏଭଳି ଘଟଣାକୁ ନେଇ ଘରୋଇ ସ୍କୁଲ ଭ୍ୟାନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର, ୧୦/୦୭ (ନି.ପ୍ର): ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପାଖ ଭାରତୀୟ ମଜଦୂର ସଂଘ କାର୍ଯ୍ୟାଳୟ ଠାରେ ବି.ଏମ.ଏସ. ର ପ୍ରତିଷ୍ଠା ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାନେତ୍ରୀ ସରସ୍

ଯୋଗାସନ

ସର୍ବାଙ୍ଗାସନ ପରି ଚିତ୍ ହୋଇ ଶୋଇ ଦୁଇ ହାତକୁ ଶରୀରର ଦୁଇ ପାଖରେ ଲମ୍ବାଇ ରଖନ୍ତୁ। ଯେପରି ହାତ ପାପୁଲି ନିମ୍ନକୁ ରହିବ। ଦୁଇ ପାଦକୁ ଯୋଡ଼ି ଉପରକୁ ଉଠାନ୍ତୁ। ଭୂମି ସହିତ ୨୦ ଡିଗ୍ରୀ କୋଣ କରି କିଛି ସମୟ କରିବା ପରେ ପୁଣି ଉପରକୁ ଉଠିବ । ୬୦ ଡିଗ୍ରୀ କରି କିଛି ସମୟ ରହିବା ପରେ ଆଉ ୨୦ ଡିଗ୍ରୀ ବଢ଼ାଇ ୯୦ ଡିଗ୍ରୀ କରି ରଖନ୍ତୁ। ଯେଉଁମାନଙ୍କର ପିଠିରେ ବେଶୀ ଯନ୍ତ୍ରଣା ହେବ ସେମାନେ ପ୍ରଥମେ ଅର୍ଦ୍ଧ ହଳାସନ ଅଭ୍ୟାସ କରି ପରେ ପୂର୍ଣ୍ଣ ରୂପେ କରିବେ। ଦୁଇପାଦ ମୁଣ୍ଡରେ ପଛକୁ ନେଇ ଭୂମିରେ ଲଗାଇବେ। ଜଙ୍ଘ ଓ ଲାଇଟ ମଧ୍ୟରେ ଚାରି ଆଙ୍ଗୁଳି ବ୍ୟବଧାନ ରହିବା ଉଚିତ। ଯେପରି ଦୁଇ ହାତ ପଛକୁ ବା ଆଗକୁ ଲମ୍ବ ହୋଇ ଭୂମିରେ ରହିବ। ହାତ ଉପରେ ଆଦୌ ଚାପ ପଡ଼ିବା ଉଚିତ୍ ନୁହେଁ। କେତେକ ଦୁଇ ହାତରେ ଅଣ୍ଟାକୁ ଠେଲି ରଖନ୍ତି ତ ଆଉ କେତେକ ମୁଣ୍ଡ ପଛକୁ ନେଇ ପାଦ ଆଙ୍ଗୁଳିକୁ ଛୁଇଁଥାନ୍ତି। ପ୍ରଥମ ଦିନ ଥରେ କରି ତା' ପରଠାରୁ ୩/୪ଥର ଅଭ୍ୟାସ କଲେ ଲାଭ ମିଳିଥାଏ । ବାରବର୍ଷ ବୟସ ନହେଲେ ଏହି ଆସନ କରିବା ଅନୁଚିତ। ଏହି ଆସନକୁ କଲାବେଳେ ଶରୀର ଢିଲା କରିବା ଦରକାର। ଲାଭ : କାନ୍ଧ ଶକ୍ତ ହୋଇଥାଏ ।

- ମେଦ ହ୍ରାସ କରିଥାଏ। ମଧୁମେହରୁ ଉପକାର ମିଳିଥାଏ । ଧ୍ୟାନ ଲଗାଇଲେ ମାନସିକ ଶାନ୍ତି ମିଳିଥାଏ ।

- ମାସିକ ଧର୍ମ ନିୟମିତ ହୁଏ ଏବଂ ଗର୍ଭାଶୟ ବିକୃତ ଦୂର ହୋଇଥାଏ। ମେରୁଦଣ୍ଡ ସୁସ୍ଥ ସବଳ ନୀରୋଗ ରଖିଥାଏ। କେଶ ଶୀଘ୍ର ପାଚେ ନାହିଁ। ବନ୍ଧ୍ୟା ଦୋଷ ଦୂର ହୋଇଥାଏ।

ଆପ୍ସ ଫର୍ ଷ୍ଟୁଡ଼େଣ୍ଟ

ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ନଜରରେ ରଖି ଏବେ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଇଣ୍ଟରନେଟ୍‌ରେ ମିଳୁଛି ବିଭିନ୍ନ ଆପ୍ସ। ଏହି ଆପ୍ସ ପିଲାଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରିବା ସହିତ ନୋଟ ପ୍ରସ୍ତୁତି ଏବଂ ପ୍ରୋଜେକ୍ଟ କାମରେ ମଧ୍ୟ ସାହାଯ୍ୟ କରୁଛି। ତେବେ ଏମିତି କେତେକ ଆପ୍ସ ଅଛି ଯାହା ସାହାଯ୍ୟରେ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଲାଭପ୍ରଦ ହୋଇପାରିବେ। ଆସନ୍ତୁ ଜଣିବା ଏଭଳି କେତେକ ଆପ୍ସ ବିଷୟରେ.....

ଏନି.ଡୁ: ନିଜ କାର୍ଯ୍ୟକୁ ବ୍ୟବସ୍ଥିତ କରିବା ପାଇଁ ଲକ୍ଷାଧିକ ଲୋକ ଏହି ଆପ୍‌ର ବ୍ୟବହାର କରିଥାନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ଏକ ଦୈନିକ ସୂଚୀପତ୍ର ପ୍ରସ୍ତୁତ କରି ନିଜର କାର୍ଯ୍ୟ କରିଥାନ୍ତି ସେମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ ଆପ୍। ଏହା ଅନ୍ୟ ଡିଭାଇସ ସହ ସମସ୍ତ କାର୍ଯ୍ୟ ସମକାଳୀନ ଭାବରେ କରିଥାଏ। ଫଳରେ ସୂଚୀକୁ ଆପଣ ଯେକୌଣସି ସ୍ଥାନରୁ ବି ଆକସେସ୍ କରିପାରିବେ। ଟଚ୍ ୱାଇଜ ଆପଣ ଏହି କାର୍ଯ୍ୟସୂଚୀରେ ନ୍ୟୁ ଟୁ ଡୁଲିଷ୍ଟ ଯୋଗ କରିପାରିବେ। କିମ୍ବା ଭଏସ ଜରିଆରେ ମଧ୍ୟ କରିପାରିବେ। ସମାପ୍ତ ହୋଯାଉଥିବା ଟ୍ୟାକ୍ସକୁ ଆପଣ ଏଥିରୁ ସହଜରେ ରିମୁଭ କରିପାରିବେ। ଏହାର ସହଜ ବ୍ୟବହାର ପାଇଁ ଏହାକୁ ଆପଣ ନିଜର ହେମା ସ୍କ୍ରିନରେ ସେଟ୍ ମଧ୍ୟ କରିପାରିବେ।

ମେଲବକ୍ସ: ଆପଣ ଅଧିକାଂଶ ସମୟରେ ଇମେଲକୁ ନେଇ ଅସୁବିଧାରେ ପଡୁଛନ୍ତି ? କ'ଣ ଏହା ଆପଣଙ୍କ ଇନବକ୍ସକୁ ନିୟନ୍ତ୍ରିତ କରିବାରେ ନିରାଶଜନକ ହେଉଛି କି ? ତେବେ ଚିନ୍ତା କାହିଁକି, ନିଜ ଆଣ୍ଡ୍ରଏଡ୍ ଫୋନରେ ଡାଉନଲୋଡ୍ କରି ନିଅନ୍ତୁ ଜିମେଲ୍। ଏହାପରେ ଅନେକ ଚିନ୍ତା ଦୂରେଇ ଯିବ ଆପଣଙ୍କର। ଫୋନରେ ଜିମେଲ୍ ରହିବା ଦ୍ୱାରା ଆପଣ ସବୁ ସମୟରେ ଏହାର ବ୍ୟବହାର କରିପାରିବେ। ଏଥିରୁ ଦରକାର ନଥିବା ଜିନିଷ ଆପଣ ସହଜରେ ରିମୁଭ କରିପାରିବେ।

ଡ୍ରପବକ୍ସ: ଛାତ୍ରଛାତ୍ରୀମାନଙ୍କ ପାଖରେ ନୋଟ୍ ହଜିଯିବାର ଏବଂ ଘରେ ଭୁଲିଯିବାର ଚିନ୍ତା ବେଶି ଥାଏ। ଏଭଳି ସ୍ଥିତିରେ ଆପଣ ନିଜ ଫୋନରେ ଡ୍ରପବକ୍ସ ଡାଉନ୍‌ଲୋଡ୍ କରି ଏହାର ବ୍ୟବହାର କରିପାରିବେ। ଏଥିରେ ଆପଣ ବିଭିନ୍ନ ପ୍ରକାର ଡକ୍ୟୁମେଣ୍ଟ, ଫଟୋ ଏବଂ ଭିଡ଼ିଓ ମାନ ସେଭ କରିପାରିବେ। ଏହାକୁ ଓପନ କରିବା ପାଇଁ କେବଳ ଇଣ୍ଟରନେଟ୍ କନେକ୍ସନର ଆବଶ୍ୟକତା ରହିଛି। ଆପଣ ଡ୍ରପବକ୍ସ ମାଧ୍ୟମରେ ନିଜର ଡାଟାକୁ ସାଙ୍ଗମାନଙ୍କ ସହ ସେୟାର ମଧ୍ୟ କରିପାରିବେ।

ଫିଡ୍ ଡଟ୍ ଏଲଓ୍ୱାଇ: କଲେଜ ଛାତ୍ରଛାତ୍ରୀମାନେ ଏପରି ଆପର ବିଶେଷ ଫାଇଦା ଉଠାଇପାରିବେ। ଆମ ସମାଜରେ ଘଟୁଥିବା କେତେକ ଘଟଣା ଏବଂ ଖବର ବିଷୟରେ ଛାତ୍ରଛାତ୍ରୀମାନେ ଜାଣିପାରି ନଥାନ୍ତି। ସେମାନଙ୍କୁ ପାଠପଢ଼ା, ପରୀକ୍ଷା ଇତ୍ୟାଦି ବିଷୟରେ ଅବଗତ କରାଇବ ଫିଡ୍‌କ ଏଲଓ୍ୱାଇ ଆପ୍। ଏହା ମାଧ୍ୟମରେ ଆପଣ ଅତି ସହଜରେ ଦୁନିଆରେ ବିଭିନ୍ନ ଖବର ଜାଣିପାରିବେ।

ସ୍କ୍ରିବଡ଼: ଅନଲାଇନ୍ ଲାଇବ୍ରେରୀ ଭାବରେ ଏହା ବେଶ୍ ପରିଚିତ। ଏହି ଆପ୍‌ରେ ଆପଣ ବିଭିନ୍ନ ପ୍ରକାର ଡକ୍ୟୁମେଣ୍ଟ, ବହି, ମାଗାଜିନ, ବିଜନେସ ମାଗାଜିନ୍, ମନି ମାଗାଜିନ୍, ଫରେନ ପଲିସି ଆଦି ବିଷୟରେ ଅତି ସହଜରେ ପାଇଯିବେ। ଏହା ଆପଣଙ୍କୁ ସାଧାରଣ ଜ୍ଞାନ ମଧ୍ୟ ଦେବାରେ ସକ୍ଷମ ହେବ। ଆପଣ ଚାହିଁଲେ ଏହି ଆପରେ ଏକ ମେମ୍ବର ହୋଇପାରିବେ। ଏବଂ ନିଜର ଏକ ଲାଇବ୍ରେରୀ ପ୍ରସ୍ତୁତ କରି ନିଜର ନୋଟ, ବହି ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟକୁ ଏଥିରେ ସେୟାର କରିପାରିବେ।

ଅଧିକ ପାଣି ପିଇବା ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ

ପାଣି ହିଁ ଜୀବନ। ଏହାକୁ କେହି ଏଡ଼ାଇ ଦେଇପାରିବେ ନାହିଁ। ଆମେ ପ୍ରତିଦିନ ଅତି କମରେ ୩/୪ଲିଟର ପାଣି ପିଇବା ଦରକାର। କିନ୍ତୁ ଜଣେ ଅସୁସ୍ଥ ବ୍ୟକ୍ତି ପାଣି ପିଇବା ପ୍ରତି ସତର୍କ ରହିବା ଦରକାର। କାରଣ ଏହି ସମୟରେ ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଭଳି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଦକ୍ଷିଣ ଲଣ୍ଡନସ୍ଥିତ କିଙ୍ଗ କଲେଜ ହସପିଟାଲର ବିଶେଷଜ୍ଞମାନେ। ଏକ ପରିସ୍ରା ସଂକ୍ରମଣ (ୟୁରିନ୍ ଇନଫେକଶନ) ରୋଗୀର ଚିକିତ୍ସା କରିବା ସମୟରେ ସେମାନେ ଏହି କଥା ଜାଣିବାକୁ ପାଇଥିଲେ। ଯେତେବେଳେ ସଂପୃକ୍ତ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ସେତେବଳେ କେହି ଜଣେ ତାଙ୍କୁ ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏଭଳି ସମସ୍ୟାରୁ ଉପଶମ ମିଳିବା ପରିବର୍ତ୍ତେ ତାହା ଆହୁରି ଜଟିଳ ହୋଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଜଣେ ଅସୁସ୍ଥ ବ୍ୟକ୍ତି ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ବାନ୍ତି, ମୁଣ୍ଡବିନ୍ଧା ପରି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏପରିକି କେତେକ କ୍ଷେତ୍ରରେ ସେହି ବ୍ୟକ୍ତି କୋମା ସ୍ତରକୁ ଚାଲିଯିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ଆବଶ୍ୟକତା ମୁତାବକ ପାଣି ପିଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ଭାଗ୍ୟ ଉନ୍ନତି

ଦୈନନ୍ଦିନ ଜୀବନରେ ବାସ୍ତୁଶାସ୍ତ୍ରର ପ୍ରଭାବ ରହିଛି। ଘରେ ସୁଖ ଶାନ୍ତି ତଥା ଉତ୍ତମ ବାତାବାରଣ ନିମନ୍ତେ ବାସ୍ତୁଶାସ୍ତ୍ର ପ୍ରତି ଧ୍ୟାନ ଦେବା ଆବଶ୍ୟକ। ମୁମ୍ବାଇର ଜନୈକ ନାମକରା ବାସ୍ତୁବିତଙ୍କ ମତରେ, ଘରର ଶୌଚାଳୟ ଯଥା ସ୍ଥାନରେ ନିର୍ମିତ ହୋଇଥିଲେ ଏହା ପରିବାର ଲୋକଙ୍କ ଉପରେ ଉତ୍ତମ ପ୍ରଭାବ ପକାଇଥାଏ।

- ଗୃହର ଐଶାନ୍ୟ କୋଣ ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନରେ ଶୌଚାଳୟ ନିର୍ମିତ କରିହେବ।

- ଉତ୍ତର କିମ୍ବା ପୂର୍ବ ଦିଗରେ ଶୌଚାଳୟ ଶୁଭଙ୍କର।

- ଧ୍ୟାନ ରଖିବା ଉଚିତ୍ ଯେ ଯେପରି ଉତ୍ତର ଦିଗରେ ପାଣିର ସ୍ରୋତ ନଳ ଲାଗିବା ଆବଶ୍ୟକ।

- ଶୌଚାଳୟରେ ଜିନିଷ-ସାବୁନ, ତେଲ, ହ୍ୟାଣ୍ଡୱାଶ ଇତ୍ୟାଦି ଦକ୍ଷିଣ କିମ୍ବା

ପଶ୍ଚିମ ଦିଗରେ ରହିବା ଉଚିତ।

- ଗାଢ଼ ରଙ୍ଗ କିମ୍ବା ଗାଢ଼ ରଙ୍ଗର ଟାଇଲ୍ସ ଶୌଚାଳୟରେ ବ୍ୟବହାର କରିବା ଶୁଭଙ୍କର ନୁହେଁ।

- ଶୌଚାଳୟର ଦୁଆର ସମ୍ମୁଖରେ ଦର୍ପଣ ଲଗାଇବା ପରିବାର ସଦସ୍ୟଙ୍କ ଉପରେ ଖରାପ ପ୍ରଭାବ ପକାଏ। ଏ କାରଣରୁ ନକାରାତ୍ମକ ଶକ୍ତି ବଢ଼ିବା ସହ କଳି-ଝଗଡ଼ା ଲାଗିରହେ।

- ଆବଶ୍ୟକ ନଥାଇ ଶୌଚାଳୟରେ ପାଣିର ଅପଚୟ କରିବା ଅନୁଚିତ। ଏହା ଦ୍ୱାରା ଆର୍ଥିକ ଅସୁବିଧା ହୋଇପାରେ।

ଲାଭାରୁ ବିଦ୍ୟୁତ ଉତ୍ପାଦନ କରିବ ଆଇସ୍‌ଲ୍ୟାଣ୍ଡ୍

ପାଣି ବିଜୁଳି ଓ ଭୂତାପୀୟ ଶକ୍ତିରୁ ୬୫ ପ୍ରତିଶତ ଆବଶ୍ୟକତା ପୂରଣ କରୁଥିବା ଦେଶ ଆଇସଲ୍ୟାଣ୍ଡ ଏବେ ଲାଭାରୁ ବିଜୁଳି ଉତ୍ପାଦନ କରିବାର ଯୋଜନା କରୁଛି। ଏଭଳି କରିବାରେ ଏହା ପ୍ରଥମ ଦେଶ ହେବ। ଜିଓଥର୍ମାଲ ରିସର୍ଚ୍ଚ ଗ୍ରୁପ ଓ ବ୍ରିଟିଶ ଜିଓଲୋଜିକାଲ ସର୍ଭେର ବୈଜ୍ଞାନିକମାନେ ଜ୍ୱାଳାମୁଖୀର ଲାଭାରୁ ଉତ୍ପନ୍ନ ବାଷ୍ପରୁ ବିଦ୍ୟୁତ ଉତ୍ପାଦନ ପରିଯୋଜନାରେ ଏଠାରେ କାର୍ଯ୍ୟ କରୁଛନ୍ତି। ଏଥିରେ ପାରମ୍ପରିକ ସ୍ରୋତରୁ ଦଶଗୁଣ ଅଧିକ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ଆଇସଲିଙ୍କ କେବୁଲ ମାଧ୍ୟମରେ ଏହି ବିଦ୍ୟୁତ ବ୍ରିଟେନକୁ ବିକ୍ରି କରାଯିବ। ଏଥିରୁ ୧୬ଲକ୍ଷ ଘର ଆଲୋକିତ ହୋଇପାରିବ। କ୍ରାଫଲାମ୍ୟାଗମା ଟେଷ୍ଟବେଡ଼ ନାମକ ଏହି ପରିକଳ୍ପନାରେ ଆମେରିକା, କାନାଡ଼ା ଓ ଋଷ ସମେତ ୧୧ଟି ଦେଶର ୩୮ ସଂସ୍ଥା ଓ କମ୍ପାନୀ ଜଡ଼ିତ ଅଛନ୍ତି। ଏହି ଟିମର ବୈଜ୍ଞାନିକମାନେ ବିଦ୍ୟୁତ ଉତ୍ପାଦନର ସମସ୍ତ ସମ୍ଭାବିତ ସ୍ରୋତ ଉପରେ ରିସର୍ଚ୍ଚ କରୁଛନ୍ତି। ପରିଯୋଜନାର ପ୍ରଥମ ପର୍ଯ୍ୟାୟ ୨୦୨୦ରେ ଆରମ୍ଭ ହେବ। ଏଥିରେ ୩ କୋଟି ଡଲାର ଖର୍ଚ୍ଚ ହେବ। ପରିଯୋଜନା ଅନ୍ତର୍ଗତ ଉତ୍ତର ଆଇସଲ୍ୟାଣ୍ଡରେ ଥିବା କ୍ରାଫଲା ଜ୍ୱାଳାମୁଖୀରେ ୪.୮ କିଲୋମିଟର ଗଭୀର ଗାତ ଖୋଳାଯିବ। ଏହା ଦୁଇ ଟେକ୍ଟୋନିକ ପ୍ଲାଟୋ ମଧ୍ୟ ରହିବ।

ଔଷଧୀ ଗୁଣ

ପିପ୍ପଳୀ ଗଛର ପତ୍ର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏହାର ତିନୋଟି କଅଁଳିଆ ପତ୍ର ତୋଳି ପ୍ରତିଦିନ ସକାଳେ ଖାଲିପେଟରେ ଚୋବାଇଲେ ରକ୍ତ ସଫା ହୋଇଥାଏ। ତଥା ଶିରାପ୍ରଶିରାରେ ଜମିଥିବା

କୋଲେଷ୍ଟ୍ରୋଲ ଦୂର କରି ଅକ୍ସିଜେନ ସଂଚାର କରିଥାଏ। ଜ୍ୱର ହେଲେ ତିନୋଟି କଅଁଳିଆ ପତ୍ର ଏକ ଗ୍ଲାସ ପାଣିରେ ସିଝାଇ ଦିଅନ୍ତୁ। ପାଣି ଅଧା ହୋଇଗଲା ପରେ ଏହାକୁ ଛାଣି ପିଅନ୍ତୁ। ଅଧିକ ଜ୍ୱରରେ ଏହି ପାଣି ଦିନକୁ ଦୁଇ ତିନିଥର ପିଇଲେ ଜ୍ୱର କମିଯାଇଥାଏ। ସେହିଭଳି ଶରୀରରେ ଚର୍ମରୋଗ ବା କୁଣ୍ଡିଆ ହେଉଥିଲେ କିଛି ପିପ୍ପଳ ପତ୍ରକୁ ଘସି ଦିନରେ ୩/୪ଥର କୁଣ୍ଡିଆ ସ୍ଥାନରେ ଲଗାଇଲେ ଆରାମ ମିଳିଥାଏ। ତେବେ ପିପ୍ପଳୀ ପତ୍ର ଖାଇବା ପୂର୍ବରୁ ଓ ପରେ ଏକଘଣ୍ଟା ପର୍ଯ୍ୟନ୍ତ କିଛି ଖାଇବା ଉଚିତ ନୁହେଁ। ଏହା ଅତ୍ୟନ୍ତ ଗରମ ହୋଇଥିବାରୁ ଖାଇବା ପରେ ଜଙ୍କ୍ ଫୁଡ଼ ଓ ଅତ୍ୟଧିକ ଗରମଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଭଲଭାବେ ସଫା ହୋଇଥିବା ବଡ଼ବଡ଼ ପିପ୍ପଳ ପତ୍ରରେ ଭୋଜନ ରଖି ଖାଇଲେ ଶରୀରକୁ ଆଣ୍ଟି ଅକ୍ସିଡାଣ୍ଟ ଓ ଅକ୍ସିଜେନ ମିଳିଥାଏ।

ଝାଡୁ ବ୍ୟବହାରର ନିୟମ

ଘର ଝାଡୁ କଲେ ଓ ପୋଛି ସଫା ଓ ସ୍ୱଚ୍ଛ ହୋଇଥାଏ। ଶାସ୍ତ୍ର ଅନୁସାରେ, ଝାଡୁକୁ ମହାଲକ୍ଷ୍ମୀଙ୍କର ଏକ ସ୍ୱରୂପ ବୋଲି କୁହାଯାଏ। ଝାଡୁ ସାହାଯ୍ୟରେ ଦାରିଦ୍ର୍ୟ ଦୂରହୁଏ, ଘରର କୋଣ ଅନୁକୋଣ ସଫା ରହିଲେ ଅନେକ ବାସ୍ତୁ ଦୋଷ ମଧ୍ୟ

କଟିଯାଏ। ତେବେ ଆସନ୍ତୁ ଜାଣିବା ଘର ଝାଡୁ କରୁଥିବା ବେଳେ କିମ୍ବା ପୋଛୁଥିବା ବେଳେ କ'ଣ ସବୁ ନିୟମ ମାନିବା ଉଚିତ୍।

ଝାଡୁ କେଉଁଠି ଓ କିପରି ରଖିବା ଘରର ଖୋଲା ସ୍ଥାନରେ ଝାଡୁ ରଖିବା ଅଶୁଭ ହୋଇଥାଏ, ଏହାକୁ ସମସ୍ତଙ୍କ ଦୃଷ୍ଟି ଆଡୁଆଳରେ ରଖିବା ଉଚିତ୍।

- ଭୋଜନ କକ୍ଷରେ ଝାଡୁ ରଖିବା ଅନୁଚିତ, କୁହାଯାଏ ଶସ୍ୟ ଶୀଘ୍ର ସରିଯିବ ନଚେତ ସ୍ୱାସ୍ଥ୍ୟ ମସ୍ୟା ସୃଷ୍ଟି ହୋଇପାରେ।

ରାତି ସମୟରେ ଘର ବାହାରେ କବାଟ ପାଖରେ ଝାଡୁ ରଖିଲେ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ। କେବଳ ରାତି ସମୟରେ ଝାଡୁ ବାହାରେ ରଖିବେ ଦିନ ବେଳେ ଲୁଚାଇ ରଖିବା ଉଚିତ।

- ଘର ପୋଛୁଥିବା ବେଳେ, ପାଣିରେ କିଛି ଲୁଣ ମିଶାଇ ପୋଛିଲେ ଭଲ। ଏପରି କଲେ ଚଟାଣରେ ଥିବା ସୂକ୍ଷ୍ମ ଜୀବାଣୁ ନଷ୍ଟ ହେବା ସହିତ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବୟସ ତର୍କ...

ଅଜିତ୍ ପାୱାର- ସମ୍ପ୍ରତି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ। ଜାତୀୟତାବାଦୀ କଂଗ୍ରେସ ଦଳ (ଏନସିପି)ର ପ୍ରତିଷ୍ଠାତା ଓ ମହାରାଷ୍ଟ୍ରର ପୁରୁଖା ନେତା ଶରଦ ପାୱାରଙ୍କ ପୁତୁରା ଭାବରେ ତାଙ୍କୁ ସମସ୍ତେ ଜାଣନ୍ତି। ନିକଟରେ ସେ ନିଜ ଦାଦାଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ଏନସିପି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି, ଆଉ ତା ପ୍ରତିବଦଳରେ ପାଇଛନ୍ତି ଉପରୋକ୍ତ ପଦବୀ ପୁରସ୍କାର ସ୍ୱରୂପ। ତେବେ ଲୋକମାନଙ୍କର ଏବଂ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ସେ ରାଜନୀତିରେ କେତେକ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବା କଥା କହି ନିଜକୁ ଜଣେ ସଂସ୍କାରକ ଭାବରେ ପ୍ରତିପାଦିତ କରିବାକୁ ଚାହିଁଛନ୍ତି। ଏନ୍‌ସିପି ଛାଡ଼ିବା ପରେ ଦଳର ସଂକେତକୁ ନିଜ ପକ୍ଷରେ ଦାବି କରିବାକୁ ଯାଇ ସେ ତାଙ୍କର ୮୩ ବର୍ଷୀୟ ଦାଦା ଶରଦ ପାୱାରଙ୍କୁ ଏକ ନୈତିକ ଉପଦେଶ ଦେବା ଛଳରେ ରାଜନୀତିରୁ ଅବସର ନେବା କଥା କହିଛନ୍ତି, ଯାହାଙ୍କୁ ତାଙ୍କ ଦଳର ଲୋକମାନେ ବି କ୍ଷମତାର ଲାଳସା ଭାବରେ ଦେଖୁଛନ୍ତି। କନିଷ୍ଠ ପାୱାର ବୟୋବୃଦ୍ଧ ପାୱାରଙ୍କୁ ବିନମ୍ର ଅନୁରୋଧ କରିଛନ୍ତି, 'ଆମମାନଙ୍କୁ ଆଶୀର୍ବାଦ ଦିଅ... ଆଉ କେତେଦିନ ତୁମେ ରାଜନୀତି କରି?' ମଜାର କଥଶ, ଭାରତର ଲୋକମାନେ ମଧ୍ୟ ଏଇ ପ୍ରଶ୍ନ ବେଶ୍ କିଛି ବର୍ଷ ହେବ ପଚାରି ଆସୁଛନ୍ତି। କିନ୍ତୁ ହାୟ। ରାଜନେତାମାନଙ୍କ କ୍ୟାରିଅରର ଶେଷ ସମୟ ଧାର୍ଯ୍ୟ ହେବାର କୌଣସି ନାଁ ଗନ୍ଧ ହିଁ ନାହିଁ, ଆଉ ସାଧାରଣ ଲୋକଙ୍କ ପ୍ରଶ୍ନ ପଚାରିବା ବି ବୃଥା ହୋଇ ଚାଲିଛି। କଥାରେ କୁହାଯାଏ-କୌଣସି ଜିନିଷ ଦେବାକୁ କି ମରିବାକୁ କେହି ଭଲ ପାଆନ୍ତି ନାହିଁ। ଠିକ୍ ସେମିତି କ୍ୟାରିଅରର ଶେଷ ବା ଅବସର ନେବା କଥାକୁ କ୍ୱଚିତ୍ କେହି ଭଲ ପାଆନ୍ତି କି ଚିନ୍ତା କରନ୍ତି। ତେଣୁ ସାଧାରଣ ଜନତାଙ୍କ ତରଫରୁ ଯେତେବେଳେ ସେମିତି କିଛି ଦୃଢ଼ ଦାବି ଉଠୁନାହିଁ, ସେ ପରିସ୍ଥିତିରେ ବ୍ୟବସ୍ଥାପକ ଏବଂ ରାଜନେତାମାନେ କାହିଁକି ବା ସେଇସବୁ ପ୍ରସଙ୍ଗ ଉଠାଇବେ, ବିଶେଷକରି ତାହା ଯେତେବେଳେ ସେଇମାନଙ୍କ ନିଜର ଅବସର ପ୍ରସଙ୍ଗ ହେବ, ତାକୁ ଉଠାଇ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବେ?

ଜଣେ ରାଜନେତାଙ୍କ କ୍ୟାରିଅର ପାଇଁ ଦୁଇଗୋଟି ସ୍ପଷ୍ଟ ଦିଗ ରହିଛି- ଗୋଟିଏ ହେଉଛି, ଜଣେ ବ୍ୟକ୍ତିବିଶେଷ ଯେତେଦିନ ପର୍ଯ୍ୟନ୍ତ ଚାହେଁଏ ସେତେଦିନ ପର୍ଯ୍ୟନ୍ତ ସେ ଯେ କୌଣସି କାର୍ଯ୍ୟଟିକୁ କରିବାକୁ ଭଲ ପାଉଥାଏ, ସେଇ କାମଟିକୁ କରିବାର ଅଧିକାରକୁ ଉପଭୋଗ କରୁଥାଏ କି, ଏବଂ ଦ୍ୱିତୀୟରେ, ଏକ ନିର୍ଦ୍ଦିଷ୍ଟ ପଦ ପଦବୀ ବା କାର୍ଯ୍ୟାଳୟକୁ ନିଜ କବଜାରେ ରଖିବାର ଆଇନ୍‌ଗତ ବା ନିୟମ-ଆଧାରିତ ସୀମା କ'ଣ? ପ୍ରଥମ ସମସ୍ୟାଟି ଟିକେ ଚତୁରତାପୂର୍ଣ୍ଣ। ଯଦି ଜଣେ ବ୍ୟବସାୟ, ଗାୟକ, ଲେଖକ, ଦାର୍ଶନିକ, କୃଷକ, କବି, ଫଟୋଗ୍ରାଫର, ଅନଲାଇନ୍ ପ୍ରଭାବ ବିସ୍ତାରକାରୀ, ସାମାଜିକ କର୍ମୀ, ଡାକ୍ତର ବା ଓକିଲ, ତା'ହେଲେ ଯେ ପର୍ଯ୍ୟନ୍ତ ତାଙ୍କ ଶରୀର ଓ ମୁଣ୍ଡ ସେମାନଙ୍କୁ ସେମାନଙ୍କ କର୍ମ ସମ୍ପାଦନ କରିବାକୁ ଅନୁମତି ଦେଉଥାଏ ଏବଂ ସେ ଠିକ୍ କାମ କରୁଥାନ୍ତି ତଥା ଲୋକମାନେ ତାଙ୍କ କାର୍ଯ୍ୟକୁ ସାଦରେ ଗ୍ରହଣ କରୁଥାନ୍ତି ଏବଂ ତାଙ୍କ ପରିଶ୍ରମର ମୂଲ୍ୟ ପ୍ରଦାନ କରୁଥାନ୍ତି, ତା'ହେଲେ ରାଜନେତାମାନଙ୍କର, ବିଶେଷକରି ଦଳରେ ନେତୃତ୍ୱ ନେବାର ଭୂମିକାରେ ଥିବା ରାଜନେତାଙ୍କର ଅବସର ବୟସ କାହିଁକି ରହିବ? ଦ୍ୱିତୀୟଟି କିନ୍ତୁ ଅତି ସ୍ପଷ୍ଟ କଥା। ଯେତେବେଳେ ଦେଶ ରକ୍ଷା କରୁଥିବା ସୈନିକମାନଙ୍କର, ସରକାରୀ ଡାକ୍ତରମାନଙ୍କର, ଅମଲାତନ୍ତ୍ରୀମାନଙ୍କର, ବିଚାରପତିମାନଙ୍କର, ସାମ୍ବାଦିକମାନଙ୍କର, ପ୍ରଫେସରମାନଙ୍କର ଏବଂ ଅଧିକାଂଶ ଚାକିରିଜୀବୀମାନଙ୍କର ଅବସର ବୟସ ସୀମା ରହିଛି, ମଣିଷ ଭାବରେ ସମାନତା ଦୃଷ୍ଟିରୁ ବିଚାର କଲେ ରାଜନେତାମାନଙ୍କ ପାଇଁ ସେହିଭଳି କାହିଁକି ବୟସ ସୀମା ନ ରହିବ?

ନିଜ କାର୍ଯ୍ୟ ଅର୍ଥାତ ଏନସିପିକୁ ଭାଗ ଭାଗ କରିବା ଏବଂ ମହାରାଷ୍ଟ୍ରର ଶାସନ କରୁଥିବା ବିଜେପି- ଏକନାଥ ସିନ୍ଦେଙ୍କ ଦଳରେ ଯୋଗ ଦେବାକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଯାଇ ଶ୍ରୀଯୁକ୍ତ ଅଜିତ ପାୱାରଙ୍କର ତାଙ୍କ ଦାଦା ବରିଷ୍ଠ ରାଜନେତା ଶରଦ ପାୱାରଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ କଥା କହିବା ହୁଏତ ଅରୁଚିକର ମନେ ହୋଇପାରେ, କିନ୍ତୁ ସାଧାରଣ ନାଗରିକମାନେ ଯାହା ଦୀର୍ଘ ଦିନ ହେବ ଦାବି କରୁ ଆସୁଛନ୍ତି- ଯେ ରାଜନେତାମାନେ ଯେତେବେଳେ ସେମାନଙ୍କ ଦଳ ପାଇଁ କାର୍ଯ୍ୟ କରିବେ, ବା ଅନ୍ୟ ଯେ କୌଣସି ସାମାଜିକ କର୍ମକୁ ହାତକୁ ନେବେ, ସେମାନେ ସରକାରୀ କ୍ଷମତା ଏବଂ ଟିକସଦାତାଙ୍କ ଅର୍ଥ ସାମିଲ ରହୁଥିବା କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କରିପାରିବେନାହିଁ- ତାହା ଯେ ଯଥାର୍ଥ, ସେଥିରେ କ୍ୱଚିତତ୍ କେହି ଦ୍ୱିମତ ହେବେ। ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ହେବ ଯେ ଏ ବାବଦରେ ଏକ ସର୍ବାଧିକ ଉତ୍ତମ ପରାମର୍ଶ ସେଇ ରାଜନେତାମାନଙ୍କ ତରଫରୁ ପ୍ରଦାନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଯିଏକି ବସ୍ତୁତଃ ବିପୁଳ ସଂଖ୍ୟାରେ ନିଜ ଦଳ ଭିତରେ ୭୫ ବର୍ଷ ବୟସକୁ ସର୍ବାଧିକ ଶେଷ ସୀମା ଭାବରେ କାର୍ଯ୍ୟରେ ପରିଣତ କରିଛନ୍ତି। ବିଜେପି ଅଧିକ ପରିମାଣରେ ଏହାକୁ ନିଜ ଦଳରେ କାର୍ଯ୍ୟରେ ଲଗାଇଛି, ଯଦିଓ କେତେକ କ୍ଷେତ୍ରରେ ବ୍ୟତିକ୍ରମ ହେବାର ଅଧିକାରକୁ ମଧ୍ୟ ସଂରକ୍ଷିତ କରିଛି।

ଜନସଂଖ୍ୟା ବୃଦ୍ଧି ସମସ୍ୟା ଦେଶ ଆଗରେ ବଡ଼ ଆହ୍ୱାନ

ଡ଼ଃ.ଅରୁନ୍ଧତୀ ଦେବୀ

ବିଶ୍ୱ ଜନସଂଖ୍ୟା ବିଷୟ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ପାଳନ କରାଯାଏ ବିଶ୍ୱ ଜନସଂଖ୍ୟା ଦିବସ । ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମର ସଂଚାଳନା ପରିଷଦ ଦ୍ୱାରା ୧୯୮୯ ମସିହାରେ ଏହା ସ୍ଥାପନା କରାଯାଇଥିଲା । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ସନ୍ତୁଳିତ କରିବା। ଜନସଂଖ୍ୟା ଦେଶ ପାଇଁ ଉଭୟ ବିପଦ ଓ ସମ୍ପଦର କାମ କରିଥାଏ। ଜନସଂଖ୍ୟା ଅଧିକ ରହିଲେ କାମ କରିବାକୁ ଅଧିକ ଲୋକ ମିଳିବେ। ପୁଣି ଅଧିକ ଲୋକ ରହିଲେ ରହିବା ପାଇଁ ସ୍ଥାନର ଅଭାବ ସାଙ୍ଗକୁ ଖାଦ୍ୟପେୟର ଅଭାବ ମଧ୍ୟ ଦେଖାଦେବ। କିଭଳି ଭାବେ ଜନସଂଖ୍ୟାର ଭାରସାମ୍ୟକୁ ବଜାୟ ରଖାଯାଇପାରିବ, ଯେପରିକି ପ୍ରାକୃତିକ ସମ୍ପଦ ସୁବିନିଯୋଗ ହୋଇପାରିବ ଓ ଜନ ସମ୍ପଦର ସୁପରିଚାଳନା ହୋଇପାରିବ। ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୭ଶହ କୋଟି ପାର କରିଛି ।

ଏକ ବିକାଶଶୀଳ ଦେଶ ଭାବରେ ଏହି କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା କେବଳ ଭାରତର ଅର୍ଥନୀତି ଉପରେ ବୋଝ ହୋଇନାହିଁ, ଏହା ଦେଶକୁ ସବୁଠୁ ବଡ଼ ଗରିବ ଲୋକଙ୍କ ଦେଶ ଭାବରେ ପରିଚିତ କରିଛି। ଜନ୍ମ ନିୟନ୍ତ୍ରଣ ପାଇଁ ସଚେତନତା ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ କମାଇଛି, ମାତ୍ର ଏହା ଯଥେଷ୍ଟ ନୁହେଁ। ୧୯୯୦ରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୧୬ କୋଟି ୩୦ଲକ୍ଷ ହୋଇଥିବାବେଳେ, ଏବେ ଏହା ୧୩ କୋଟି ୪୦ ଲକ୍ଷରେ ପହଞ୍ଚିଛି। ମୃତ୍ୟୁହାର ଏବେ ବାର୍ଷିକ ୫କୋଟି ୭୦ଲକ୍ଷରେ ସ୍ଥିର ରହିଛି। ତାହାହେଲେ ଅଙ୍ଗାରକାମ୍ଳ ଘନତ୍ୱବୃଦ୍ଧି, ବିଶ୍ୱତାପମାନ ବୃଦ୍ଧି ଏବଂ ଖାଦ୍ୟ, ଜଳ ଓ ଶକ୍ତି ସଙ୍କଟ। ଜଣେ ଲୋକ ହାରାହାରି ଦିନକୁ ୨୦ କିଲୋ ଅଙ୍ଗାରକାମ୍ଳ ଛାଡ଼ିବା ହିସାବରେ ବିଶ୍ୱବାସୀ ପ୍ରତିଦିନ ୯୦ ହଜାର କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଗଚ୍ଛିତ ରଖୁଛନ୍ତି। ୧୯୫୦-୫୧ରେ ଆମ ଦେଶର ଯାନବାହାନ ସଂଖ୍ୟା ଥିଲା ୩ଲକ୍ଷ ୬ ହଜାର। ୨୦୧୦ ସୁଦ୍ଧା ପେଟ୍ରୋଲ, ଡିଜେଲ ଓ ଗ୍ୟାସରେ ଚାଲୁଥିବା ଏସବୁ ଯାନବାହାନ ସଂଖ୍ୟା ୧୦ କୋଟିରେ ପହଞ୍ଚିଥିଲା। ଏମାନେ କେତେ ପରିମାଣରେ ପ୍ରଦୂଷଣ କରୁଛନ୍ତି ତାହା ଅକଳ୍ପନୀୟ। ୧୯୮୭ ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଯେତେବେଳେ ୫୦୦ କୋଟି ଛୁଇଁଲା, ସେତେବେଳେ ବିଭିନ୍ନ ଦେଶର ଚିନ୍ତାନାୟକ ଓ ନେତୃବର୍ଗ ଜନସଂଖ୍ୟାର ସଙ୍କଟ ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପାଞ୍ଚ ବିଲିଅନ ଦିବସ ଭାବେ ପାଳନ କଲେ। ୨୦୩୦ ବେଳକୁ ଏହା ୮ଶହ କୋଟିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି । ବର୍ଦ୍ଧିତ ଜନସଂଖ୍ୟା ଏବେ ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇ ଉଭା ହୋଇଛି । ଏହା ଦ୍ୱାରା ଗୋଟିଏ ପଟେ ପରିବେଶ ପ୍ରଦୂଷଣ ହେଉଥିବା ବେଳେ ଅନ୍ୟ ପକ୍ଷେ ବେକାରୀ, ଦାରିଦ୍ର୍ୟ, କୁପୋଷଣ ଭଳି ସମସ୍ୟା ମଧ୍ୟ ଉପୁଜୁଛି । ଜନସଂଖ୍ୟା ନିୟନ୍ତ୍ରିତ କରିବାକୁ ପ୍ରତ୍ୟେକ ଦେଶ ନିଜ ନିଜ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନାମାନ ହାତକୁ ନେଉଛନ୍ତି । ସମଗ୍ର ବିଶ୍ୱରେ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେଉଛି ଚୀନ । ଦ୍ୱିତୀୟ ସ୍ଥାନରେ ରହିଛି ଭାରତ । ଗବେଷକମାନେ କହନ୍ତି, ଏହାକୁ ରୋକା ନଗଲେ ଆଗାମୀ କିଛି ଦଶକ ମଧ୍ୟରେ ଜନସଂଖ୍ୟା ଦୃଷ୍ଟିରୁ ଭାରତ ସମଗ୍ର ବିଶ୍ୱରେ ପ୍ରଥମ ସ୍ଥାନରେ ପହଞ୍ଚିବ ।

ବର୍ତ୍ତମାନ ସମଗ୍ର ଦେଶରେ ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ଏକ ମସ୍ତବଡ଼ ଚାଲେଞ୍ଜ ରୂପେ ଦେଖାଦେଇଛି। ବାସ୍ତବ କ୍ଷେତ୍ରରେ ଏହା ଆଉ ଏକ ସମସ୍ୟା ହୋଇରହିନାହିଁ, ଦେଶକୁ ବିସ୍ଫୋରଣ ସ୍ଥିତି ଆଡ଼କୁ ଟାଣି ନେଇଛି। କାରଣ ଯେପରି ଦ୍ରୁତଗତିରେ ଜନସଂଖ୍ୟା ହାର ବଢ଼ିଚାଲିଛି, ସେଥିରେ ଆଗାମୀ କିଛି ବର୍ଷ ମଧ୍ୟରେ ସ୍ଥାନାଭାବ, ଖାଦ୍ୟାଭାବ, ବେକାରୀ ବୃଦ୍ଧି ଆଦି ସଂକଟ ଯେ ଦେଶକୁ କବଳିତ କରିବ, ଏଥିରେ ସନ୍ଦେହ ନାହିଁ। ବର୍ତ୍ତମାନ ଆମ ଦେଶରେ ଯେତେସବୁ ବିଭ୍ରାଟ ଓ ବିଲକ୍ଷଣ ଦେଖାଯାଉଛି, ତାର ମୂଳ କାରଣ ହେଉଛି ବିସ୍ଫୋରଣମୁଖୀ ଜନସଂଖ୍ୟା ବୃଦ୍ଧି। ଏହା ଦେଶର କର୍ମବର୍ଦ୍ଧିଷ୍ଣୁ ଦାରିଦ୍ର୍ୟର ମୁଖ୍ୟ କାରଣ ହୋଇଥିବାବେଳେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ବିଫଳ ହେବାର ମଧ୍ୟ ଅନ୍ୟତମ କାରଣ ବୋଲି ବିଚାର କରାଯାଉଛି। ଏହି କାରଣରୁ ପ୍ରଶାସନ ତଳସ୍ତରରେ ଥିବା ସମସ୍ତ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ ଏବଂ ଜନସଂଖ୍ୟାର ଏକ ବିଶାଳ ଭାଗ ପ୍ରଶାସନ ଠାରୁ ଅପହଞ୍ଚ ଦୂରତ୍ୱରେ ରହୁଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ସମାନୁପାତିକ ହୋଇପାରୁନାହିଁ। ଆମ ଦେଶର କେବଳ ଗୋଟିଏ ରାଜ୍ୟ ଉତ୍ତର ପ୍ରଦେଶର ଜନସଂଖ୍ୟା ପୃଥିବୀର ପଞ୍ଚମ ଜନବହୁଳ ଦେଶ ବ୍ରାଜିଲ ଠାରୁ ମଧ୍ୟ ଅଧିକ ଏହି ତଥ୍ୟ କେହି ବିଶ୍ୱାସ କରିପାରିବେ ନାହିଁ। ଭାରତରେ ଜନସଂଖ୍ୟା ଏଭଳି ଦ୍ରୁତଗତିରେ ବଢ଼ିବାର କାରଣ ନେଇ ଏବେ ବୈଜ୍ଞାନିକ ଓ ସମାଜବିଜ୍ଞାନୀମାନେ ଗବେଷଣା ଚଳାଇଛନ୍ତି। ସେମାନଙ୍କ ମତରେ କମ୍ ବୟସରେ ବିବାହ ଆମ ଦେଶରେ ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାରଣ। ଯେହେତୁ ଭାରତରେ କେବଳ ବିବାହ ପରେ ହିଁ ସନ୍ତାନ ଜନ୍ମକୁ ସମାଜ ସ୍ୱୀକୃତି ଦେଇଛି, ତେବେ ବିବାହର ବୟସ ସୀମା ଉପରେ ଦୃଷ୍ଟି ରଖିଲେ, ଏହି ସମସ୍ୟାର ଆଂଶିକ ସମାଧାନ ହୋଇପାରିବ। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଦେଶର କେତେକ ଅଞ୍ଚଳରେ ୧୮ବର୍ଷରୁ କମ୍ ବୟସର ଝିଅମାନେ ବିବାହ କରୁଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାପ୍ତ ପନ୍ଦର ପ୍ରତିଶତ ହୋଇଥିବାବେଳେ ସେହି ସବୁ ଅଞ୍ଚଳରେ ଅଧିକ ସନ୍ତାନ ଜନ୍ମ ହେଉଥିବାର ଦେଖାଯାଉଛି। ଯଦିଓ ବାର୍ଷିକ ଶିଶୁ ଜନ୍ମହାର ବିଗତ ବର୍ଷ ଗୁଡ଼ିକ ତୁଳନାରେ କ୍ରମାଗତ ହ୍ରାସ ପାଉଛି, ତଥାପି ତାହା ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ଆହୁରି ସଂଯମତା ଓ ସତର୍କତା ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି। ଚାଷଜମି ପରିମାଣ କମିଯିବା ଫଳରେ ଖାଦ୍ୟ ଉତ୍ପାଦନ ହ୍ରାସ ପାଉଛି, ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି, ବାସଗୃହ କରିବାକୁ ସ୍ଥାନ ନାହିଁ। ଏଭଳି କ୍ଷେତ୍ରରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଲେ କି ଭୟଙ୍କର ସ୍ଥିତି ଉପୁଜିବ, ତାହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ। ଆଜିଠୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଭବିଷ୍ୟତରେ ସ୍ଥିତି ଭୟାବହ ସୁନିଶ୍ଚିତ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

ସୂର୍ଯ୍ୟବଂଶୀ ଓ ବିଶ୍ୱାମିତ୍ର

ଅନୀତା ପଟ୍ଟନାୟକ

ମା ବାପାଙ୍କ ସହିତ ଭ୍ରମଣ କରିବାର ଏକ ସୁଖଦ ଅନୁଭୂତି ମୁଁ ଆପଣ ମାନଙ୍କ ନିକଟରେ ବର୍ଣ୍ଣନା କରିବାକୁ ଚାହୁଁଛି। ମାଙ୍କ ଅନୁରୋଧକ୍ରମେ ବାପା ଅଯୋଧ୍ୟାର ରାମ ମନ୍ଦିର ଦେଖିବା ପାଇଁ ବାହାରି ଥିଲେ। ମତେ ବି ସାଙ୍ଗରେ ନେଇଗଲେ। ସେତେବେଳେ ମୋ ମନରେ ବହୁତ ପ୍ରଶ୍ନ। ଯଥା ରାମ କିଏ? ରାମଙ୍କୁ ଭାରତରେ ଏତେ ଗୁରୁତ୍ୱ କାହିଁକି ଦିଆଯାଉଛି ଇତ୍ୟାଦି ଇତ୍ୟାଦି।

ବାପା ମୋ ମନକଥା ବୁଝି କହିଲେ ଝିଅ! ବୈବସତ ମନୁଙ୍କର ପୁଅ ଇକ୍ଷାକୁ ସେମାନେ ସୂର୍ଯ୍ୟବଂଶୀ ସେହି ବଂଶରେ ଅତ୍ୟନ୍ତ ଶକ୍ତିଶାଳୀ ଯୋଦ୍ଧା ଜନ୍ମ ଗ୍ରହଣ କରିଥିଲେ ସେମାନେ ହେଲେ ରଘୁ ଏବଂ ଦିଲ୍ଲୀପ। ସେମାନେ ବହୁ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ। ସେହି ବଂଶର ବଂଶଜ ଥିଲେ ସାଗର, ଭଗୀରଥ, ହରିଶ୍ଚନ୍ଦ୍ର, ଦଶରଥ ଏବଂ ରାମ। ପୁରାଣରେ ବର୍ଣ୍ଣନା ଅଛି ଯେ ଭଗୀରଥ ଗଙ୍ଗାଙ୍କୁ ପୃଥିବୀକୁ ଆଣିଥିଲେ। ମୁଁ ପ୍ରଶ୍ନକଲି ଏଥିରେ ବଡ଼କଥା କ'ଣ? ଆଲେକଜାଣ୍ଡର, ନେପୋଲିୟନ, ହିଟଲର ମଧ୍ୟ ବଡ଼ ଯୋଦ୍ଧା ଥିଲେ। ବାପା କହିଲେ ଇକ୍ଷାକୁ ବଂଶର ରାଜାମାନେ ଟିକେ ଅଲଗା। କାରଣ ସେମାନଙ୍କର କଥା କର୍ମ ଓ ଚିନ୍ତା ଏକ ଥିଲା। ସତ୍ୟ ଉପରେ ସେମାନେ ପର୍ଯ୍ୟବେସିତ ଥିଲେ। ନିଜର କଥାରୁ କେବେ ଓହରି ଯାଉନଥିଲେ। ସେମାନେ ଜାଣିଥିଲେ ସତ୍ୟ ହିଁ ଈଶ୍ୱର। ସତ୍ୟ ସର୍ବତ୍ର ପରିବ୍ୟାପ୍ତ। ଦୈନନ୍ଦିନ ଜୀବନରେ ସତ୍ୟର ପାଳନ କରି ରାଜା ହରିଶ୍ଚନ୍ଦ୍ର ଭଗବାନଙ୍କୁ ମଧ୍ୟ ଆଶ୍ଚାର୍ଯ୍ୟାନ୍ୱିତ କରିଦେଇଥିଲେ। ରଘୁ ତାଙ୍କ ଜୀବନରେ 'ସତ୍ୟନିଷ୍ଠ ପରୋଧର୍ମଃ'କୁ କର୍ମ ମାଧ୍ୟମରେ ପୃଥିବୀରେ ପ୍ରଚାର କରିଥିଲେ। କାମନା, ବାସନା, ଆଶା, ଆକାଂକ୍ଷା ଯୋଗୁଁ ମନୁଷ୍ୟ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ଦଶରଥ ଏହି ସତ୍ୟରୁ ଓହରି ଥିଲେ। ନିଜର ଗର୍ବ ଓ ମୋହ ଯୋଗୁ ସେ କ୍ଷଣିକ ସତ୍ୟବଚନରୁ ଓହରି ଯିବାକୁ ଚାହିଁ ଥିଲେ କିନ୍ତୁ ତାଙ୍କର ପୁତ୍ର ରାମ ପୁଣି ସେହି ସତ୍ୟକୁ ପ୍ରତିଷ୍ଠା କରିଥିଲେ।

ମା କହିଲେ ଏବେ ଉଚ୍ଚଆକାଂକ୍ଷା ଓ ଲୋଭ ମଣିଷ ଭିତରେ ବଢ଼ି ଚାଲିଛି। ମନୁଷ୍ୟ ଲକ୍ଷ୍ୟରୁ ପଥଭ୍ରଷ୍ଟ ହୋଇଛି। କାମନା ଉପରେ ତାର ନିୟନ୍ତ୍ରଣ ରହୁନାହିଁ। ସେ କେତେବେଳେ ଖସିଯାଇ ଭୁଲପଥକୁ ଗ୍ରହଣ କରୁଛି ସେ ଜାଣିପାରୁନାହିଁ। ସେ ଯାହା ଚିନ୍ତା କରୁଛି ତାହା ଧର୍ମ ବୋଲି ଭାବି ନେଉଛି। ମୁଁ ପଚାରିଲି ଚିନ୍ତା କେଉଁଠାରୁ ଆସୁଛି। ଆଖି ଦେଖୁଛି, କାନ ଶୁଣୁଛି, ଜିଭ କଥା କହୁଛି ଏମାନଙ୍କର ଉର୍ଦ୍ଧରେ କେହି ଅଛି କି? ଯିଏ ଏଗୁଡ଼ିକ ଚାଳନା କରୁଛି? ଆଖି, କାନ, ପାଟି, ନାକ, ଚର୍ମ ପ୍ରଭୃତି କର୍ମେନ୍ଦ୍ରିୟ ଗୋଟିଏ ମଲା ଶରୀରରେ କାହିଁକି କାମ କରୁନାହାଁନ୍ତି? ତେଣୁ ଚୈତନ୍ୟ ବୋଲି କିଛି ଅଛି। ବାପା କହିଲେ ସେହି ଦିବ୍ୟଶକ୍ତି ବା ଆତ୍ମଶକ୍ତି ମଣିଷର ଇନ୍ଦ୍ରିୟ ଗୁଡ଼ିକୁ ଚଳାଉଛି।

ମା କହିଲେ ରାମାୟଣ ଏହି ସତ୍ୟର ଶିକ୍ଷା ଦିଏ। ବାପା କହିଲେ ଠିକ କହିଛ। ଦଶରଥ ଶବ୍ଦର ଅର୍ଥ ପଞ୍ଚକର୍ମେନ୍ଦ୍ରିୟ ଓ ପଞ୍ଚ ଜ୍ଞାନେନ୍ଦ୍ରିୟର ସେ ପ୍ରତୀକ ଥିଲେ। ପ୍ରତ୍ୟେକ ମଣିଷ ଦେହରେ ଏହି ପଞ୍ଚ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ରହିଛି। ଦଶରଥଙ୍କର ତିନଟି ସ୍ତ୍ରୀ ଥିଲେ ଯଥା - କୌଶଲ୍ୟା, ସୁମିତ୍ରା ଏବଂ କୈକେୟୀ। ସେମାନେ ସତ୍ତ୍ୱ, ରଜ, ତମ ଗୁଣର ପ୍ରତୀକ ଥିଲେ। ବାପା କହିଲେ ଦଶରଥଙ୍କର ଚାରି ପୁତ୍ର ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ। ଚାରି ବେଦର ପ୍ରତୀକ ଥିଲେ ଯଥା ଋକ, ଯଜୁ, ସାମ ଏବଂ ଅର୍ଥବ ବେଦ। ଟ୍ରେନରେ ଆମ ପାଖରେ ବସିଥିବା ଜଣେ ସହଯାତ୍ରୀ ଆମ ଆଲୋଚନାକୁ ଶୁଣୁଥିଲେ ସେ ବାପାଙ୍କୁ ପଚାରିଲେ ଋଷି ବିଶ୍ୱାମିତ୍ର କିଏ? ବାପା କହିଲେ ସେ ହେଉଛନ୍ତି ପୃଥିବୀର ବନ୍ଧୁ। ମୁଁ ପଚାରିଲି କିପରି? ବାପା କହିଲ

ରାବଣ ମାତିଛନ୍ତି

ରତ୍ନାକର ରାଉତ

ଗୁଳିଗୁଳା ବନ୍ଧୁକ ଖେଳ
ଝଗଡ଼ା ଝାଣ୍ଟି କଳିଗୋଳ
ଯେଉଁଠି ଦେଖ ପଶୁର ବଳ
ଦିନୁ ଦିନ ହୁଏ ପ୍ରବଳ ।

ଖଣ୍ଡା ଭୁଜାଲି ଦଙ୍ଗା ଦାଉ
ଅସୁରଙ୍କର ବଢ଼େ ଭାଉ
ଆଉ ହୁଏନି ସହି
ଆତ୍ମ ଗରବେ ସଭିଏଁ ଅଂଧ
ଦିନକୁ ଦିନ ବିଷମ କାଳ
ହେଲାଣି ଆସି ଉଭା
ପତନୁଖୀ ସମାଜ ଦେଖି
ପରାଣ ଯାଏ ଦହି ।

ସଭିଙ୍କ ମନେ ବାନ୍ଧିଛି ବସା
ଅର୍ଥ ଲୋଭ କ୍ଷମତା ନିଶା
କାମ କାମନା ଅନ୍ଧ ଲାଳସା
ଭୋଗ ବିଳାସେ ବଢୁଛି ଆଶା
ମନ ମୁଲକେ ରାଜୁତି କରେ
ଗର୍ବ, ଦମ୍ଭ, ହିଂସା ।

ଗଲାଣି ହଜି ମଣିଷ ପଣ
ମୋହ ମାଜକେ ପତିତ ଜନ
ବୁଦ୍ଧ ବିବେକ ହେଲାଣି ନାଶ
ମଣିଷ ଜାତି ରଚୁଛି ବସି
ନିଜ ହାତେ ନିଜ ବିନାଶ
ପ୍ରଳୟ ପଥ ରୋକିବ କିଏ
ମଣିଷ ଦେଖ ପାଗଳ ସମ
କରେ ନିଜର ସର୍ବନାଶ ।

ମଣିଷ ଯେବେ ସଭ୍ୟ ହେଲା
ସମାଜେ ନୀତି ନିୟମ କଲା
ଜଙ୍ଗଲ ଛାଡ଼ି ବସତି ଗଢ଼ି
ଘର ଦୁଆର ବଗିଚା ବାଡ଼ି
କ୍ଷେତ ଖମାର ଗାଁ ମୁଲକ
ଗଢ଼ିଲା ନିଜେ ନିଜେ ।
ନୂତନ ଆଶା ଖେଳିଲା ତାର ମନେ
କହିଲେ ଲୋକ ରାଇଜ ଯାକ
ଜନତା ହାତେ ରହିବ ଏବେ
ସଭିଙ୍କ ଭାଗ୍ୟ ଶାସନ ଡୋର ।

ଏକ ଚାଟିଆ ଶାସନ ହେବ ଅନ୍ତ
ଲୁପ୍ତ ହେବ ପଶୁର ବଳ
ଆରମ୍ଭ ହେବ ବୁଦ୍ଧିର ଖେଳ
ଶାସକ ଯିଏ କରିବ ସିଏ
ସଭିଙ୍କର ହିତ ।

ଏସବୁ ଆଜି ଦିବା ସପନ
ଶୋଷକ ସାଜି ଶାସକ ଗଣ
ଦରଦହୀନ ନୀତି ବିହୀନ
ବଳିଗଲାଣି ରାଜକଷଣ
ମୂକ ଜନତା ହୁଅନ୍ତି ହନ୍ତସନ୍ତ
କିଛି ହେଲାନି ସତ ।

ଯେପରି ଥିଲା ଶାସନ ଢାଞ୍ଚା
ସବୁ ସେପରି ଅଛି
ବଦଳୁ ନାହିଁ ସ୍ଥିତି
ରାମ ରାଇଜ କାହାଣୀ କହି
ସରଗ ସୁଖ ଗଦ ଶୁଙ୍ଘେଇ
ରାବଣ ମାତିଛନ୍ତି
ଦେଖ ସରବେ ସବୁଠି ଏବେ
ରାବଣ ମାତିଛନ୍ତି ।

ଏକଥା କିଆଁ ରହୁନି ମନେ
ଜନତା ଥରେ ଉଠିଲେ ମାତି
ଶାସନୁ ଗଲେ ହଟି
ନିମିଷକେ ସବୁ ଗାରିମା ଯିବ ତୁଟି
ଚରଣ ସିଏ ଏସବୁ ଥିଲେ
ଏତେ ସରାଗେ ଦିନେ
ବିନା ସଂକୋଚେ
ଧରିବେ ସିଏ ଚୋଟି ।

ଭୁବନେଶ୍ୱର

କରମଣ୍ଡଳ କଷଣ

ପ୍ର.ଗିରିଜା ଶଂକର ଶର୍ମା

ଅଂଧାର ଅଟ୍ଟହାସ୍ୟରେ ଖିନ୍‌ଭିନ୍ ହୋଇଯାଏ
ପାପୁଲିର ଭାଗ୍ୟରେଖା ।
ଖପୁରି ତଳେ ଖତରା ଚିହ୍ନିତ ହାତ
ଏସବୁ କୁ ଭ୍ରୁକ୍ଷେପ ନକରି
କରମଣ୍ଡଳ ମାଡ଼ି ଚାଲିଥାଏ
ହୁଇସିଲ ବଜାଇ ପବନ ବେଗରେ ।
ଗୋଟିଏ ପରେ ଗୋଟିଏ ଷ୍ଟେସନ ପଛରେ ପକାଇ
କୋଲକାତା, ଖଡ଼ଗପୁର, ବାଲେଶ୍ୱର, ବାହାନଗା ଆଦି ।

ଇଏତ ସବୁଦିନିଆ କଥା
ଯେମିତି ସକାଳ ଆସେ, ସଂଧ୍ୟା ଆସେ, ରାତି ଆସେ
କରମଣ୍ଡଳ ବି ଆସେ ଆଉ ଯାଏ ।
ଷ୍ଟେସନ ଆଖପାଖର ବତୀ ଖୁଣ୍ଟରେ
ତାର ସମୟ ସାରଣୀ ଝୁଲୁଥାଏ ।
ଖରା ବର୍ଷା ଶୀତକୁ ଖାତିର ନକରି ।

ସବୁଦିନ ପରି ସେଦିନ ବି ଥିଲା
ସୂର୍ଯ୍ୟ ବୁଡ଼ି ଯାଇଥିଲା
ପକ୍ଷୀମାନେ ଫେରି ଆସିଥିଲେ ନୀଡ଼କୁ ।
ରାଜରାସ୍ତାର ବିଜୁଳି ଆଲୁଅ ଜଳି ସାରିଥିଲା ।
କରମଣ୍ଡଳ ପଛେ ପଛେ ଧାଉଁ ଥିଲେ ମୃତ୍ୟୁଦୂତ ମାନେ ।
ସୁଯୋଗ ଉଣ୍ଡୁଥିଲେ ମାଡ଼ି ବସିବାକୁ ।

ହଠାତ୍ ଭୀଷଣ ଶବ୍ଦରେ ଗଗନ ପବନ ମୁଖରିତ ହେଲା ।
ନୀଡ଼ ଛାଡ଼ି ଅଂଧାରରେ ଚକ୍କର କାଟିଲେ ପକ୍ଷୀ ।
ଭମ୍ପାରି କାକଳୀରେ କମ୍ପି ଉଠିଲା
ବାହାନଗାର ଉଦାସିଆ ଆକାଶ
କରମଣ୍ଡଳ କକ୍ଷରୁ ଛିଟିକି ପଡ଼ିଲେ ରକ୍ତାକ୍ତ ମଣିଷ ।

କଟା ହାତ ଗୋଡ଼, ପୁଳା ପୁଳା ରକ୍ତ ମାଂସ
ଚିରା ସାର୍ଟ ଯୋଡ଼ା ଓ ଚପଲ ।
କିଏ କିଛି ବୁଝିବା ଆଗରୁ
ମରିଗଲି ରକ୍ଷାକର ଆହତଙ୍କ କରୁଣ ଚିତ୍କାର ।
ଲୁହ ଓ ଲହୁରେ ପହଁରୁ ଥିବା
ଅସହାୟ ଜୀବନର ପ୍ରାର୍ଥନାର ସ୍ୱର ।
କରମଣ୍ଡଳର ଲୋଚା କୋଚା ବିକ୍ଷିପ୍ତ ବଗି ସବୁ
ଅନେଇ ଥାଏ ଉପରକୁ ଅବୋଧ ଆଖିରେ ।
ଖପୁରି ତଳେ ଉଜ୍ଜଳି ଉଠୁଥାଏ
ଖତରାର ହାଡ଼ ଚିହ୍ନ ଜୀବନକୁ ଉପହାସ କରି ।

ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୮୦୯୫

ମେଘ

ଭରତ ଚନ୍ଦ୍ର ଦାଶ

ଏ ମେଘଟା
ନିହାତି ଅଭଦ୍ର
ଆଦୌ ଭଦ୍ର ନୁହେଁ
କିବା ଅଶେଷ ଭଦ୍ରଭାବେ
ବର୍ଷିଛାଲିଛି ଯେ ଚାଲିଛି
ଥମିବାର ନାଁ ଧରୁନାହିଁ
ଦିନେ ନୁହେଁ ସାତ ଦିନଧରି ।

ଏ ମେଘଟା
ଆଜିକାଲି ବୁଝୁନାହିଁ
ପ୍ରେୟସୀର ମନ
ଦୂରେ ବହୁଦୂରେ
ରହିଥିବା ମନର ମଣିଷ
ମନ ବୁଝି ଆଣୁ ନାହିଁ
ପ୍ରଣୟର ବାର୍ତ୍ତା ।

ମେଘ ବୁଝେ
ଚାତକର ହୃଦୟର କଥା
ତୃଷା ତୃପ୍ତି ସହ
ବୁଝିପାରେ ଅନ୍ତରର ବ୍ୟଥା
କାହିଁକି କେଜାଣି
ଉଲ୍ଲାସ ଉଦ୍ଧତ ମୟୁରର ମନ
ପୁଚ୍ଛ ଟେକି କରେ ଉଚ୍ଚାଟନ
ମେଘ ଆଣେ ମିଳନର
ଅନନ୍ୟ ମୁହୂର୍ତ୍ତ ।

ବୈଶାଖରେ
ଶ୍ରାବଣର ଭ୍ରମ
ଧାରା ଶ୍ରାବଣର
ଭେକ କଣ୍ଠେ ସପ୍ତସ୍ୱର
ମିଳନର ଅପୂର୍ବ ସଂଗୀତ
ଏ ମେଘଟା
ଶୁଷ୍କ ହୃଦୟରେ ରଚିପାରେ
ସପ୍ତରଙ୍ଗ ମନଲୋଭା
ଇନ୍ଦ୍ରଧନୁ ବିରହୀର ପ୍ରାଣେ
ପୁଷ୍ପର ସାୟକ
ରତି- ପତି - ଅତନୁର
କାମନାର ଦେହର ଦହନ ।
ବୁଝିପାରେ ସପ୍ତମେଘ
ପ୍ରଣୟିନୀ ମନ
ଆଶା ପ୍ରତ୍ୟୟରେ
ତୃଷା ମେଣ୍ଟେ ପ୍ରତିକ୍ଷଣ ।

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-୬୫୬ ୧୨୬
ମୋ: ୯୪୩୭୩୭୨୧୬୬

ଦିନଲିପି

ଆନନ୍ଦ କୁମାର ମାଇତ

ଜୀବନରେ ସମସ୍ତ ପରାସ୍ତର ଟିପା ରଫ୍ ଖାତାକୁ
ପ୍ରିୟତମା ହାତରେ ଧରେଇ ଦେଇଛି ।

ଯେମିତି ସେ ତାର ସାବଲୀଳ ଭାବରେ
ନିଜର ଦୃଷ୍ଟି ଲାବଣ୍ୟରେ
ଗୋଟି ଗୋଟି କରି ପରଖି ନେଇ ପାରିବ
କେବଳ ପରାସ୍ତର ଧାଡ଼ି ବ୍ୟତୀତ
ବହୁତ୍ ଗୁଡ଼ିଏ ଦୀର୍ଘ ଶ୍ୱାସର ଧାଡ଼ି ଯେ ରହିଛି
ଯେଉଁଠି କେବଳ ନିଜସ୍ୱ ମୂଲ୍ୟାୟନ ପାଇଁ
ମୁଣ୍ଡ ନୁଆଁଇ ଶୋଇ ରହିଛି
କେତେ କବି ଆଉ ସହିଦ ମାନେ ।

ହେ ପ୍ରିୟତମା !
କେବଳ ଆଖି ପକେଇଲେ ହୁଏନି
ବ୍ୟଦନାର ରକ୍ତ ଧାରଟି କେଉଁଠୁ
ସୂତ୍ରପାତ ଘଟିଛି ଖୋଜିବାକୁ ପଡ଼େ
ଠିକ୍ ନିଜ ଲେଖା ଅପ୍ରକାଶିତ କବିତାକୁ
ଖୋଜିଲା ଭଳି ।

ଏରସମା, ଜଗତସିଂହପୁର
ଗୋଲାପଲ୍ଲୀ ସାହି,
ବ୍ରହ୍ମପୁର

ଅଦ୍ୱିତୀୟ ଚିତ୍ରକର

ଲୋକନାଥ ମହାପାତ୍ର

ହେ ପରମେଶ୍ୱର !
ଅଦ୍ଭୁତ ଅଦ୍ୱିତୀୟ ତୁମ୍ଭେ ଚିତ୍ରକର
ଆଙ୍କି ଦେଇଛ ଅସଂଖ୍ୟ ଚିତ୍ର
କାନଭାସ୍ ରେ ପୃଥିବୀ ଓ ଆକାଶର

ତୁମ୍ଭ ତୁଳିର ଅଦ୍ଭୁତ ସ୍ପର୍ଶରେ
ଜୀବନ୍ତ ହୋଇଉଠେ ଗିରି-ବନ-ସାଗର
ଅସଂଖ୍ୟ ନଦନଦୀ ନିର୍ଝର
ବୃକ୍ଷଲତା ପ୍ରାଣୀ ଫୁଲ-ଫଳ ପ୍ରକୃତିର

ଆକାଶରେ ସପ୍ତରଙ୍ଗର ଛଟା ଇନ୍ଦ୍ରଧନୁର
ସୂର୍ଯ୍ୟ ଚନ୍ଦ୍ର ତାରା ଓ ପକ୍ଷୀଙ୍କ ସମ୍ଭାର
ହେ ପରମେଶ୍ୱର !
ଅଦ୍ଭୁତ ଅଦ୍ୱିତୀୟ ତୁମ୍ଭେ ଚିତ୍ରକର

ଗୋଲାପଲ୍ଲୀ ସାହି, ବ୍ରହ୍ମପୁର

ମେଘ ଦେଖି ମନେ ପଡ଼େ ମିଷ୍ଟି ମିଶ୍ର

ବିପ୍ଳବ

ଏବେ ବାଲକୋନୀରେ ଶୁଖୁ ନଥିବ ଆଉ
ମିଷ୍ଟି ମିଶ୍ରର ପ୍ଲାଜୋ
ସାୟା, ବ୍ଲାଉଜ ଅବା
ଯେତେ ସବୁ ଦେହର ଘୋଡଣୀ
ମେଘ ଦେଖି ମୁଁ ସିନା ବିଭୋର ହୁଏ
ମିଷ୍ଟି ମିଶ୍ର ହେଉଥିବ କିବା
ମୋ ପାଇଁ ବାୟାଣୀ !

ହୋଇପାରେ
ଲିଫି ଲିଫି ବର୍ଷାରେ
କଢ଼ଛତୁ ମୁଣ୍ଡ ଟୁଙ୍ଗାରିବା ପରି
ମେଘ ଦେଖି ମିଷ୍ଟି ମିଶ୍ର ସ୍ୱପ୍ନ
ମେଲୁଥିବ କୁଆଁ
ନହେଲେ କେମିତି କୁହ
ଝୋ ଝୋ ବର୍ଷାରେ
ଏ ଦେହରେ ଲାଗିଥାନ୍ତା ନିଆଁ ?

ଅୟୁତ ଅୟୁତ ରାତି
ଆଉ କାହା ସହ କାଟି
କଦମ୍ବ ପରି ସେ ହସୁଥିବ
ଶ୍ରାବଣ ନଈ ପରି ଦଂଶୁଥିବ
କାହା ସବୁଜ ଫସଲ
ସେ କି ବୁଝିବ
ମେଘ ଭର୍ତ୍ତି ରାତିର ଜହ୍ନ ପରି
ମୁଁ କେତେ ଡହଳ ବିକଳ
ଅବା କଲବଲ !

ଆହାଃ
କେଇଘଡି ସରିଗଲା
ଲିଫି ଲିଫି ବର୍ଷାରେ
ତିନ୍ତିବାର ବେଳ
ହେଇ.. ମିଷ୍ଟି ମିଶ୍ର
ତୁ ଗଲା ପରେ
ଏ ଆଖିରେ ଶ୍ରାବଣର ଘର ।

+ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ଅନ୍ଧାର

କୀର୍ତ୍ତନ ସାହୁ

କେବେ ଅନୁଭବିଛ ଅନ୍ଧାରକୁ
କେବେ କଳିଛ ତାର ବ୍ୟାପ୍ତିକୁ
ତାର ପ୍ରାପ୍ତିକୁ
ତାର ସହନଶୀଳତା
ତା ମହାନତାକୁ

ଦୁଃଖର ଦୋଉରାମ୍ୟ
ଜଂଜାଳର ବନ୍ଧନ
ସବୁକୁ ସେ ଭୁଲେଇ ଦେଇଛି
ତମେ ଚାହୁଁ ନ ଥିବା
ଜିନିଷକୁ ସେ ଲୁଚେଇ ଦେଇଛି
ତମ ଆଖିରେ
ସୁନେଲି ସ୍ୱପ୍ନ ଦେଇଛି
ସମ୍ଭାବନାର ଫୁଲ
ଫୁଟେଇଛି

ଜୀବନକୁ ମଧୁମୟ କରିବାର
ଛନ୍ଦ ସେ ତୋଳିଛି
ତମରି ଭିତରେ

ତା ପାଇଁ ସଭିଏଁ ସମାନ
ଉଚ୍ଚନିଚ ଛୋଟ ବଡ଼
ପ୍ରଭେଦ ସେ ଦୂରେଇ ଦେଇଛି

ତମକୁ ଦେଇଛି
ଏକଲାପଣର ବାର୍ତ୍ତା
ରାଜା ହେବାର ମହାମନ୍ତ୍ର
ସବୁ ଭିତରେ
ଉଚ୍ଚ ସ୍ଥାନ ଦଖଲ
କରିବାର ସୂକ୍ଷ୍ମ କଳା

ଅନ୍ଧାରକୁ ଦେଖିବ ତ ଦେଖ
ଆଲୁଅରେ
କେମିତି ଅନ୍ଧାରି ମୁଲକରେ
ଦୁସ୍ତ୍ର ନିକ୍ଷେପିତ ହୋଇ
ପଡ଼ି ରହିଛି ମଣିଷ
ନା ଶିକ୍ଷାର ଆଲୋକ
ସେ ଦେଖିଛି
ନା ସୁନ୍ଦର ସ୍ୱାସ୍ଥ୍ୟର ପୁଲକ
ସେ ପାଇଛି
ବିଜ୍ଞାନର ଚମତ୍କାରିତା
ତାକୁ ଛୁଇଁନି
କି ମଣିଷ ପଣିଆର
ମାଦକତା ସେ ପାଇନି

ବରଂ ଭଲ
ଅନ୍ଧାରର ସମତା
ଆଲୁଅର ବିବିଧତା ଠାରୁ
ଆଲୁଅର ସଂକୀର୍ଣ୍ଣତା ଛାଡି
ଅନ୍ଧାରର ମହାନୁଭବତା
ଆପଣେଇବା ହୁଏତ
ଅଧିକ ଭଲ ।
ଞଞଞ

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ବିରହି ପ୍ରେମୀର ସ୍ୱର

ସୁବ୍ରତ କୁମାର ଜେନା



ଏଇ ଜୀବନରୁ ତୁମେ ଗଲା ପରେ
ସବୁତ ଯାଇଛି ଚାଲି
ତୁମରି ବିହୁନେ ନିଦ ଆସେ ନାହିଁ
ଲାଗେ ଖାଲି ମରୁବାଲି ।
ମନର ମଇନା ଝୁରି ଝୁରି ବୁଲେ
ଆସିବ କାଳେକି ଫେରି
ବସିଛି ଚାହିଁମୁଁ ତୁମରି ବାଟକୁ
ଦିନ ରାତି ଯାଏ ସରି ।
ଆଗୋ ପ୍ରାଣପ୍ରିୟା ଚାଲିଗଲ କାହିଁ
ଦେଇ ତୁମେ ଏତେ ଦରଜ

ଆଗୋ ମଧୁମତି ପାରିବିନି ସୁଝି
ତୁମ ଦିଆ ଏତେ କରଜ ।
ଭଲ ଲାଗେ ନାହିଁ ପାଦପ ସଙ୍ଗୀତ
ତାରା ଭରା ଜହ୍ନ ରାତି
ତୁମେ ନାହିଁ ସାଥି ଫିକା ଜହ୍ନ ରାତି
ଅଶ୍ରୁରେ ଯାଉଛି ବିତି ।
ରାଗ ପରିହରି ମନରୁ ତୁମରି
ଫେରିଆସ ତୁମେ ପ୍ରିୟା
ଆଉ ଥରେ ପୁଣି ତୁମ ହାତ ଧରି
ଗଢିବି ପ୍ରେମ ଦୁନିଆଁ ।
ସବୁ ଋତୁ ଲାଗେ ବୈଶାଖ ଆଜି
ଜାଳେ ମନ ରହି ରହି
ତୁମେ ଆସ ପ୍ରିୟା ବର୍ଷା ରାଣୀ ହୋଇ
ମହୋଷଧି ସାଥେ ନେଇ ।

ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

ମୋ ଗାଆଁ

ସସ୍ମିତା ପଟ୍ଟନାୟକ

ପାହାଡ଼ ପର୍ବତେ ନଦୀ ତୋଟା ମାଳେ
ବେଷ୍ଟିତ ମୋହରି ଗାଆଁ
ସବୁଜିମା ଶୋହେ ସାରା ପରିବେଶ
ମାଧପୁର ତାର ନାଆଁ ।

କୁସୁମେ ଶୋଭିତା ଚାରୁଚିତ୍ରପଟ୍ଟ
ରୂପ ତା ଅବର୍ଣ୍ଣନୀୟ ।
ସେଇ ଗାଆଁ କୋଳେ ଜନମ ଲଭି ମୁଁ
ମଣେ ମୁହିଁ ମହନୀୟା ।

ନିର୍ଝରିଣୀ ଝର ବୋହି ଆସୁଅଛି
ଅତ୍ୟୁଚ ଗିରି ଶୃଙ୍ଗରୁ
ଆମ୍ର ତୋଟା ମାଳେ କୋକିଳ କୁଜନ
ବିଶ ।ଦ ହରେ ମନରୁ ।
ପ୍ରଭାତ ଭ୍ରମଣ ଅତି ମନୋରମ
କୁସୁମର ମଧୁ ଗନ୍ଧେ
ପ୍ରଫୁଲ୍ଲିତ ତନୁ ମନ ଜାଗି ଉଠେ
କବିତାର ଶବ୍ଦ ଛନ୍ଦେ ।

ପିଲାଦିନ ସ୍ମୃତି ମନେ ପଡେ ଆଜି
ବର ଓହଳର ତାଳେ
ଝରଣାର ଜଳ ବୋହୁଚୋରି ଖେଳ
ତୋଟା ଗହୀରିର ମାଳେ ।

ବରଷା କାଳରେ ଗାଁ ଦାଣ୍ଡ ପରେ
ପାଣି ଧାର ସୁଏ ସୁଏ
ଖାତା ବହି ଚିରି ଡଙ୍ଗାକୁ ତିଆରି
ସୁଅରେ ଭସାଇ ଦିଏ ।

ମନ୍ଦିର ମାଳିନୀ ଚାରୁ ହାସମୟୀ
ଲାଳିତ୍ୟେ ମାଧୁର୍ଯ୍ୟେ ଭରା
ଅପରୂପ କାନ୍ତି ବଢ଼ାଉଛି ପ୍ରୀତି
ମୋ ଗାଆଁର ଭାଇଚାରା ।

ଯେତେ ବଖାଣିଲେ ମୋ ଗାଆଁ ଉପମା
ଅସରନ୍ତି ତାର ଶୋଭା
ପରିବେଶକୁ ତା ରଖିବା ସ୍ୱଚ୍ଛତା
ବଢାଇବା ତାର ଆଭା ।

ରାସୋଳ, ଢେଙ୍କାନାଳ

ନାନାବାୟା ଗୀତ

ଉପେନ୍ଦ୍ର ନାଥ ପାତ୍ର

ଖାଉନାହିଁ କୁନା କରେ ଅଝଟ
ଦେଖଦେଖ ପିଲେ ଯାଉଛି ଓଟ,
ମହାଦେବ ଆମ ଠାକୁର ବଡ଼
ଗଛରେ ଫଳିଛି କଷା ପଇଡ଼ ।

ଗଧ ପିଠିରେ ସେ ହେଲା ସବାର
ଭଅଁର ବସାରେ ହାତ ନସାରେ,
ଘର ଛାତ ଉପରେ ଦୁଇଟି ପାରା
ହରିଶ ଛୁଆଟି ନପାଏ ଧରା ।

ଆଇ ମୋର ଭଲ କରନ୍ତି ଗେଲ
ବଗିଚାରେ ଆମ ପାଚିଛି ବେଲ,
ଷଣ୍ଢ ଦୁଇଟିର ଦେଖ ଲଢ଼େଇ
ଅଜା ଦଉଡ଼ିଲେ ଛାନିଆ ହୋଇ ।

ସାଙ୍ଗ ପାଟି ପାଟିକରି ପଢ଼ିଲା ବହି
ମେଘ ଗରଜିଲା ବର୍ଷିଲା ନାହିଁ,
ପୂଜକ ମନ୍ଦିରେ ମନ୍ତ୍ର ବୋଲିଲେ
ପିଲାମାନେ ଯାଇ ଭୋଗ ଖାଇଲେ ।

ପୋଷା ହାତୀ ଆମ କରଇ କାମ
ରାଗିଗଲେ ସିଏ ମହାବିଷମ,
ନାଗସାପ ପରା ବଡ଼ ବିପଦ
ଖେଳ ଦେଖାଏ ସେ ଦିଏ ଆନନ୍ଦ ।

ମୁଖ୍ୟ ସଂପାଦକ 'କେଦାରଶୀ'
ମାର୍ଫତ୍: ଇଂ. ତ୍ରିଦୀପ କୁମାର ପାତ୍ର
ପ୍ଲଟ ନଂ- ୨୫୪/ ୪୦୦୨, ଷ୍ଟାର୍ ସିଟି
ପଟିଆ, ଭୁବନେଶ୍ୱର-୨୪
ମୋ: ୭୨୦୫୦୫୬୩୩୯

ମା' ଶାରଳାଙ୍କ ମନ୍ଦିରରେ ନୂଆ ନିୟମ କାର୍ଯ୍ୟକାରିତାକୁ ନେଇ ଦ୍ୱନ୍ଦ୍ୱ

ଜଗତସିଂହପୁର , ୧୦/୦୭ (ନି.ପ୍ର): ମାଶାରଳା ମନ୍ଦିରରେ ଶୃଙ୍ଖଳା ରକ୍ଷା ପାଇଁ ନୂଆ ନିୟମ ଜାରି କରାଯାଇଛି । ୨୦ଜଣିଆ କୋର୍ କମିଟିର ପ୍ରତିନିଧିଙ୍କୁ ନେଇ ହୋଇଥିବା ଆଲୋଚନାରେ ୧୮ଟି ପ୍ରସ୍ତାବ ଉପରେ ମୋହର ବାଜିଥିବା କୁହାଯାଇଛି । ଏଥିରେ ଯାତ୍ରୀଙ୍କ ସୁରକ୍ଷା, ମାଙ୍କ ନୀତିକାନ୍ତିରେ ସଂସ୍କାର, ପୀଠର ପବିତ୍ରତା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏମିତିକି ଏହି ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି । ହେଲେ ଏହାକୁ ହିଁ ନେଇ ବର୍ତ୍ତମାନ କେଁ ସୃଷ୍ଟି ହୋଇଛି । ବାସ୍ତବରେ ଏହି ନିୟମ ଉଲ୍ଲଂଘନକାରୀଙ୍କୁ କଗିବ କିଏ ଓ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏହାକୁ ନେଇ ସମସ୍ତେ ଅନ୍ଧାରରେ ଅଛନ୍ତି । ଯାହା ଫଳରେ ଏହି ନିୟମ କାର୍ଯ୍ୟକାରିତାକୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଶାରଳା ମନ୍ଦିରର ନୀତି କେତେ ଦୃଢ଼ ଓ ଏହାର କାର୍ଯ୍ୟକାରୀ କେମିତି ହୁଏ, ଏହା ବୋଧହୁଏ କାହାକୁ ଅଛପା ନାହିଁ । ମନ୍ଦିରର କିଛି ବି ନିୟମ ନାହିଁ ଓ ଏହାକୁ କିଏ ଚଳାଉଛି, ତାହା ମଧ୍ୟ ଜଣାନାହିଁ । ବାସ୍ତବରେ ସନ୍ଦେହ ରହିଛି । ମନ୍ଦିରରେ କିଛି ବି ସଂସ୍କାର ନାହିଁ । ମନ୍ଦିରରେ ମିଳୁଥିବା ପ୍ରସାଦକୁ ନେଇ ଶ୍ରଦ୍ଧାଳୁମାନେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି । ଏହା ଉପରେ କଣ ପଦକ୍ଷେପ ନିଆଯାଉଛି । ଭୋଗ ତିଆରି ମାନ ଓ ଦୀପରେ ଦିଆଯାଉଥିବା ଘିଅ ଠିକ୍ ରହୁଛି କି ନାହିଁ, ଏହାର ଯାଞ୍ଚ ମଧ୍ୟ କରାଯାଉ ନାହିଁ । ଛୋଟଛୋଟ ନିୟମ ଓ ପ୍ରଥାକୁ କାର୍ଯ୍ୟକାରୀ କରାଇବା ମନ୍ଦିର ପ୍ରଶାସନ ପାଇଁ ମୁସ୍କିଲ୍ ସ୍ଥିତି ସୃଷ୍ଟି କରିଛି । ଏଣୁ କମିଟି ପ୍ରଣୟନ କରିଥିବା ନୂଆ ନିୟମର କାର୍ଯ୍ୟକାରିତାକୁ ନେଇ ସ୍ୱାଭାବିକ ଭାବେ ସମସ୍ତଙ୍କ ମନରେ ଟିକିଏ ପର୍ବପର୍ବାଣୀରେ ବହୁ ବେଆଇନ କାର୍ଯ୍ୟ କରାଯାଉଛି । ନିକଟରେ ଶେଷ ହୋଇଥିବା ଚନ୍ଦନ ଯାତ୍ରାରେ ବହୁ ବିଶୃଙ୍ଖଳା ସୃଷ୍ଟି ହେଲା । ଠିକ୍ ସମୟରେ ଠାକୁରାଣୀ ମନ୍ଦିର ମଧ୍ୟକୁ ପ୍ରବେଶ କରିପାରିଲେ ନାହିଁ । କାହିଁକି ଏମିତି ହେଲା ଓ କାହା ଯୋଗୁଁ ହେଲା, ତାର ତଦନ୍ତ ଆଜି ପର୍ଯ୍ୟନ୍ତ ହେଲାନି । ଜଣେ ହେଲେ ବି ପଣ୍ଡା ଓ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ସତେ ଯେମିତି ଏଠି କେହି କାହାକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି । ଏଣୁ, ଏହି ନିୟମକୁ କଡ଼ାକଡ଼ି କରିବା ପାଇଁ ମନ୍ଦିର ପ୍ରଶାସନ କି ପଦକ୍ଷେପ ନେଉଛି, ଏହା ଉପରେ ସମସ୍ତ ନଜର ରହିଛି । ଅନ୍ୟପଟେ ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟଗଂଜନ ପରିଜା କୁହନ୍ତି ଯେ, ଏ ପର୍ଯ୍ୟନ୍ତ ଏହି ନିୟମକୁ ଚୂଡ଼ାନ୍ତ କରାଯାଇ ନାହିଁ । ଏଣୁ ଏନେଇ ସେମିତି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଏହି ନିୟମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଦୁଇ ଦୁଇଟି ବୈଠକରେ କମିଟିର ନିଷ୍ପତ୍ତିକୁ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ପଠାଯିବ । ସେଠାରେ ଏଥିରେ ମୋହର ବାଜିବା ପରେ ଏନେଇ ସମସ୍ତ ବ୍ୟବସ୍ଥା କରାଯିବ ।

ବର୍ଷ ପରେ ବର୍ଷ ବିତିଗଲାଣି ଶିର୍ତିଗୁଡା ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ସରୁନି

କନ୍ଧମାଳ, ୧୦/୦୭ (ନି.ପ୍ର): କେନ୍ଦ୍ର ସରକାର ଉଦାସିନତା ଯୋଗୁଁ, ୩୦ ଫୁଟ୍ ଜମି ପାଇଁ କାର୍ଯ୍ୟକ୍ଷମ ହୋଇପାରୁନାହିଁ ୧୦୨ କୋଟି ଟଙ୍କାର ବିଦ୍ୟୁତ ପ୍ରକଳ୍ପ । ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବାରୁ କନ୍ଧମାଳ, କଳାହାଣ୍ଡି ଜିଲାର ୩ ରୁ ୪ ଲକ୍ଷ ଲୋକ ହେଉଛନ୍ତି ପ୍ରଭାବିତ । ଆମେ କହୁଛୁ କନ୍ଧମାଳ ଜିଲ୍ଲା ଶିର୍ତିଗୁଡ଼ା ଗ୍ରୀଡ୍ ଷ୍ଟେସନ କଥା । ପ୍ରକଳ୍ପ ସଂଯୋଗୀକରଣ ପାଇଁ ୩୮୨ ଟି ଟାୱାର ନିର୍ମାଣ ହେବାକୁ ଥିବା ବେଳେ ୩୦୨ ଟି ଟାୱାର କାର୍ଯ୍ୟ ଶେଷ ହୋଇଛି ୬୨ଟି ଟାୱାର ପାଇଁ ଫରେଷ୍ଟ କ୍ଲିୟରାନ୍ସ ପାଇଁ ପଠାଇଥିବା ବେଳେ ୧୪ଟି ଟାୱାର ହୋଇ ପାରୁନାହିଁ । ଯେହେତୁ ଗ୍ରୀଡ୍ ଟାୱାର କାମ ଶେଷ ହୋଇପାରୁନାହିଁ ।ଏପଟେ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାର୍ଥ ପାଇଁ ସରକାରଙ୍କ ପ୍ରୋଜେକ୍ଟକୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ଅଂଚଳବାସୀ । ଜଙ୍ଗଲ ବିଭାଗ କ୍ଲିଅରାନ୍ସ ପାଇଁ ୩୦ ଫୁଟ୍ ର ଜମି ଅଧିଗ୍ରହଣ ହୋଇନପାରିବାରୁ ୩ ରୁ ୪ ଲକ୍ଷ ଲୋକ ହେଉଛନ୍ତି ପ୍ରଭାବିତ । କନ୍ଧମାଳ ଜିଲ୍ଲା ଶିର୍ତିଗୁଡ଼ା ବିଦ୍ୟୁତ ଗ୍ରୀଡ୍ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟକ୍ଷମକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ୧୦୨ କୋଟି ଟଙ୍କାବ୍ୟୟ ଅଟକଳ ରେ ନିର୍ମିତ ଗ୍ରୀଡ୍ କାର୍ଯ୍ୟ ସମାପ୍ତ ହେଲେ ବାଲିଗୁଡା, କୋଟଗଡ଼, ତୁମୁଡ଼ିବନ୍ଧ ସହ ଆଖ ପାଖ ଅଂଚଳର ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ନିୟମିତ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସେବା ପାଇପାରିବେ । ବର୍ତ୍ତମାନ ବାଲିଗୁଡ଼ା ଉପଖଣ୍ଡରେ ଲୋ ଭୋଲ୍ଟେଜ୍ ସହିତ ବାରମ୍ବାର ବିଦ୍ୟୁତକାଟ ଯୋଗୁଁ ଲୋକମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଭିନ୍ନ ସ୍ଥାନରେ ଓଭର ଲୋଡ ଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡୁଛି, ଆଉ ଟ୍ରାନ୍ସଫରମର ମଧ୍ୟ ପୋଡୁଛି । ଏଣୁ ଶିର୍ତିଗୁଡ଼ାରେ ତୁରନ୍ତ ଗ୍ରୀଡ୍ କାର୍ଯ୍ୟ ସାରିବା ପାଇଁ ଗ୍ରାମବାସୀ ଶ୍ୟାମସୁନ୍ଦର ବେହେରା ଦଲେଇ ଓ ବଣେଶ୍ୱର ବେହେରା, ଶଙ୍କର ବେହେରା ଦଲେଇ (ଗ୍ରାମ ସଭାପତି) ପ୍ରମୁଖ ଦାବୀ କରିଛନ୍ତି । ଗତ ୨୦୧୬ ମସିହାରେ ବାଲିଗୁଡ଼ାରେ ବିଦ୍ୟୁତ୍ ସମସ୍ୟାକୁ ଦେଖି ରାଜ୍ୟ ସରକାର କନ୍ଧମାଳ ଜିଲ୍ଲା ଶିର୍ତିଗୁଡ଼ାରେ ସବଷ୍ଟେସନ ଗ୍ରୀଡ୍ ନିର୍ମାଣ କରିବା ପାଇଁ ନିଷ୍ପତି ଗ୍ରହଣ କରିଥିଲେ । କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଠାରୁ ରାମପୁର ଭାୟା ହୋଇ ୨୨୦ / ୩୩ କେଭି କରେଂଟ ବାଲିଗୁଡ଼ାକୁ ଆସିବା ଲକ୍ଷ୍ୟ ରଖାଯାଇ ପ୍ରଜେକ୍ଟ ଆରମ୍ଭ ହୋଇ ୨୦୧୮ ମାର୍ଚ୍ଚ ମାସରେ ଗ୍ରୀଡ୍ କାର୍ଯ୍ୟକ୍ଷମ ହେବାପାଇଁ ଲକ୍ଷ୍ୟ ରହିଥିଲା । ୬ ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା କାର୍ଯ୍ୟକ୍ଷମ ହୋଇପାରୁନି ଗ୍ରୀଡ୍ । ଗ୍ରୀଡ୍ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଟାୱାର କାର୍ଯ୍ୟ ଶେଷ ହୋଇପାରୁନି । କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ଅନୁମୋଦନ ମିଳୁନଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ଏହି ବିଦ୍ୟୁତ୍ ପ୍ରକଳ୍ପ । ବର୍ତମାନ କଳାହାଣ୍ଡି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଏପଟେ ଯଦି କିଛି ବ୍ୟକ୍ତି ବିଶେଷଙ୍କ ପାଇଁ ବାଲିଗୁଡ଼ାରେ ଗ୍ରିଡ୍ କାର୍ଯ୍ୟ ସରିଥିଲେ ମଧ୍ୟ ସେହିଭଳି ପଡିରହିଛି ଏହି ଗ୍ରିଡ୍ ବୋଲି ଅଂଚଳର ବୁଦ୍ଧିଜୀବୀ ନାରାୟଣ ସାହୁ କହିଛନ୍ତି । ଅଂଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକର ତୁରନ୍ତ ଏଥିପାଇଁ ଧ୍ୟାନ ଦେବା ଜରୁରୀ ହୋଇପଡିଛି । ଯଥାଶୀଘ୍ର ଗ୍ରୀଡ କାର୍ଯ୍ୟକ୍ଷମ ହେଲେ ଜିଲାର ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହୋଇପାରନ୍ତେ ।

ଗ୍ରାମ୍ୟ ସେବକ ସଙ୍ଗଠନ ପକ୍ଷରୁ ଚାରାରୋପଣ

ଧର୍ମଶାଳା, ୧୦/୦୭ (ନି.ପ୍ର): ପ୍ରତି ବର୍ଷ ଭଳି ଚଳିତ ବର୍ଷ ଗ୍ରାମ୍ୟ ସେବକ ସଙ୍ଗଠନ ପକ୍ଷରୁ ଚାରାରୋପଣ କରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାର ବାର୍ତା ଦିଆଯାଇଛି । ପରିବେଶର ସନ୍ତୁଳିତ ସ୍ଥିତିରେ ସୁଧାର ଆଣି ଏକ ସୁସ୍ଥ ପରିବେଶ ଗଠନ କରିବା ମହତ ଉଦ୍ଦେଶ୍ୟରେ ଯାଜପୁର ଜିଲା ରସୁଲପୁର ବ୍ଲକ ସାମନ୍ତରାପୁର ଫଂଚାୟତସ୍ଥ ବାଲିପାଟଣା ସ୍ଥିତ ଜୋର କୂଳ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଛି । ଯୁବ ସମାଜସେବୀ ଅଶୋକ ସେଠୀ ପ୍ରାରମ୍ଭରେ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ଗ୍ରାମ୍ୟ ସେବକ ସଙ୍ଗଠନର ସଦସ୍ୟ ସଦସ୍ୟା ଆକାଶି,ନିମ୍ୟ,କରଞ୍ଜ,ଆମ୍ୟ,ବଉଳ ଆଦି ଶତାଧିକ ଚାରାରୋପଣ କରିଥିଲେ । ସଙ୍ଗଠନର ସଭାପତି ତଥା ପ୍ରକୃତି ବନ୍ଧୁ ମନୋଜ କୁମାର ସାହୁଙ୍କ ତତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତଳାପୁର ଫଂଚାୟତର ଯୁବ ସମାଜସେବୀ ଏସ୍ କେ ଆମ୍ମାଉଦ୍ଦିନ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମତ ମହତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।

ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଓ ମାହାରୀ ନୃତ୍ୟ ଉତ୍ସବ

ପୁରୀ, ୧୦/୦୭ (ନି.ପ୍ର): ଓଡ଼ିଶା ଅଗ୍ରଣୀ ଅନୁଷ୍ଠାନ ନବ ପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର ପକ୍ଷରୁ ଚକ୍ରତୀର୍ଥ ରୋଡ଼ ସ୍ଥିତ ସଂସ୍କୃତି ଭବନରେ ଓଡ଼ିଶୀ ଓ ମାହାରୀ ନୃତ୍ୟ ଉତ୍ସବ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ଉତ୍କଳଶ୍ରୀ ସମ୍ମାନ -୨୦୨୩ ପ୍ରଦାନ ବିଭିନ୍ନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ସୁରେନ୍ଦ୍ରନାଥ ଦାଶ ସଭାରେ ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡ଼.ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା,ଜିଲ୍ଲା ସୂଚନା ଓ ଲେକସମ୍ପର୍କ ଅଧିକାର ସନ୍ତୋଷ କୁମାର ସେଠୀ,ଗୁରୁ ନିମାକାନ୍ତ ରାଉତରାୟ,ଗୁରୁ ଆର୍ତତ୍ରାଣ ଶତପଥୀ,ଗୁରୁ ପାଗଲ ସ୍ୱାଇଁ, ସମାଜସେବୀ ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀକ୍ଷେତ୍ରର ସଂସ୍କୃତି ପରମ୍ପରା ନୃତ୍ୟ ସଙ୍ଗୀତ ଉପରେ ଆଲୋକପାତ କରିଥିଲେ । ବିଶ୍ୱପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ସଜୀଦାନନ୍ଦ ଦାସ ମର୍ଦ୍ଦଳ ବାଦାନ କରିଥିଲେ । ଆର୍ନ୍ତଜାତୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ମୀରା ଦାସଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଓ ନବ ପ୍ରତିଭାର କଳାକାରମାନେ ସମୁହ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଭିନେତ୍ରୀ ଗୁନ୍‌ଗୁନ୍ ଉପସ୍ଥାପନା ଓ ପରିଚାଳନା କରିଥିଲେ । ଗୁରୁ ସଜୀଦାନନ୍ଦ ଦାସ, ଗୁରୁ ମୀରା ଦାସ, ଗୁରୁ ନିମାକାନ୍ତ ରାଉତରାୟ ଓ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟକୁ ଉତ୍କଳ ଶ୍ରୀ ସମ୍ମାନ -୨୦୨୩ରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଗୁରୁ ଅଶୋକ ଦାସ,ମାର୍ଗ ଦର୍ଶକ ସୁରେନ୍ଦ୍ର ନାୟକ,ଶ୍ୟାମପ୍ରକାଶ ସେନାପତି,ଗଙ୍ଗାଧର ବାରିକ, ସୁଧାଂଶୁ ରଥ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରବିବାର ସଂଧାରେ ଉଦଯାପନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ହାତୀ ପାଇଁ ଗାଁ ବିସ୍ଥାପିତ: ଗାଁ ଛାଡ଼ି ଚାଲିଗଲେ ୧୨ ପରିବାର, କାଳିଆପାଣି ଗାଁ ଏବେ ଜନଶୂନ୍ୟ

କେନ୍ଦୁଝର , ୧୦/୦୭ (ନି.ପ୍ର): ଖଣି ଖନନ, ଶିଳ୍ପାନୁଷ୍ଠାନ କିମ୍ବା କୌଣସି ପ୍ରକଳ୍ପ ନିର୍ମାଣ ପାଇଁ ସାଧାରଣତଃ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥାଏ । କିନ୍ତୁ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କାଞ୍ଜିପାଣି ଘାଟି ଉପରେ ଥିବା କାଳିଆପାଣି ଗ୍ରାମର ଲୋକେ ହାତୀ ପାଇଁ ବିସ୍ଥାପିତ ହୋଇଛନ୍ତି । ଏହି ଗ୍ରାମର ଲୋକମାନେ ନିଜ ଗାଁ ଛାଡ଼ି ଏବେ ପଡ଼ୋଶୀ ଗ୍ରାମରେ ଆଶ୍ରୟ ନେଇଛନ୍ତି । ହାତୀପଲ ବାରମ୍ବାର ଘର ଭାଙ୍ଗିବା ପରେ ଗ୍ରାମବାସୀ ଜୀବନ ବଞ୍ଚାଇବା ପାଇଁ ଭିଟାମାଟି ଛାଡ଼ିଥିଲେ ମଧ୍ୟ ଏଯାଏ କୌଣସି କ୍ଷତିପୂରଣ ପାଇନାହାନ୍ତି । କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କାଞ୍ଜିପାଣି ଘାଟି ଉପରେ ରହିଛି କାଳିଆପାଣି ଗାଁ । ଏହି ଗାଁରେ ୧୨ଟି ଆଦିବାସୀ ପରିବାର ରହୁଥିଲେ । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ପୋଡୁଚାଷ କରି ପେଟ ପୋଷୁଥିଲେ । କିଛିବର୍ଷ ଧରି ନିୟମିତ ଭାବେ ଏହି ଗାଁ ଉପରେ ହାତୀ ଉପଦ୍ରବ ଲାଗି ରହୁଥିଲା । ହାତୀପଲ ଲୋକଙ୍କୁ ଆକ୍ରମଣ କରିବା ସହ ଗାଁରେ ପଶି ଘରଦ୍ୱାର ଭାଙ୍ଗୁଥିଲେ । ଲୋକେ ବହୁ କଷ୍ଟରେ ଘର ମରାମତି କରୁଥିଲେ । ଦେଢ଼ବର୍ଷ ତଳେ ହାତୀ ଗାଁରେ ପଶି ଆଦିବାସୀମାନଙ୍କ କୁଡ଼ିଆଘରକୁ ଭାଙ୍ଗିରୁଜି ମାଟିରେ ମିଶାଇଦେଲା । ସେହିଦିନଠାରୁ ସମସ୍ତ ପରିବାର ଗାଁ ଛାଡ଼ିଦେଲେ । ଗାଁଟି ମଣିଷଶୂନ୍ୟ ହୋଇଗଲା । ଏହି ଗାଁର ଲୋକମାନେ ନିକଟସ୍ଥ ଉପରଟାଙ୍ଗାପଡ଼ା ଗ୍ରାମରେ ନିଜର ବନ୍ଧୁବାନ୍ଧବଙ୍କ ଘରେ ରହୁଛନ୍ତି । ଗାଁର ମୁରଲୀ ସନଙ୍ଗୀ ନିଜର ୭ ଜଣିଆ ପରିବାରଙ୍କୁ ଧରି ଟାଙ୍ଗରପଡ଼ା ଗାଁକୁ ଚାଲିଆସିବା ପରେ ପ୍ରଥମେ ନିଜର ସମ୍ପର୍କୀୟ ଭାଇଙ୍କ ଘରେ ମୁଣ୍ଡ ଗୁଞ୍ଜିଥିଲେ । ଏବେ ସେଠାରେ ସେ ସ୍ଥାୟୀ ଭାବେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ନିଜର ଭିଟାମାଟି କାଳିଆପାଣି ଗାଁକୁ ଆଉ ଯିବେ ନାହିଁ ବୋଲି ସ୍ଥିର କରିଛନ୍ତି । ସେହିପରି କାଳିଆପାଣି ଗାଁର କାଠିଆ ସନଙ୍ଗୀ, ଯତୀଶ ପଧାନ, ଜହ ପଧାନ, ନାଇନ ସନଙ୍ଗୀ, ନିର୍ମଳ ସନଙ୍ଗୀ, ସୁକ୍ତା ସନଙ୍ଗୀ, ନାଟୁ ପଧାନ, ଦାସ ସନଙ୍ଗୀ, ବିପିନ ପଧାନଙ୍କ ପରିବାର ମଧ୍ୟ ଏବେ ଉପରଟାଙ୍ଗରପଡ଼ା ଗ୍ରାମରେ ଆଶ୍ରୟ ନେଇଛନ୍ତି । ଏକଦା କାଳିଆପାଣି ଗ୍ରାମଟି ଏହି ଆଦିବାସୀ ପରିବାରଙ୍କୁ ନେଇ କୋଳାହଳପୂର୍ଣ୍ଣ ଥିଲା । ଲୋକେ ନିଜ ବାଡ଼ିବଗିଚାରେ ମକା, ବାଜରା, ରାଶି, ସୋରିଷ ଚାଷ କରୁଥିଲେ । ଗାଁକୁ ଓମ୍‌ବାଡ୍‌ସି ଅନୁଦାନରେ ପିଚୁରାସ୍ତା ନିର୍ମାଣ କରାଯିବା ସହ ସମସ୍ତଙ୍କ ଘରକୁ ସୌରଆଲୋକ ଯୋଗାଇ ଦିଆଯାଇଥିଲା । ପିଇବା ପାଣି ପାଇଁ ପାହାଡ଼ ଉପରେ ଗଭୀର ନଳକୂଅ ବି ଖୋଳା ଯାଇଥିଲା । କିନ୍ତୁ ହାତୀପଲ ଏମିତି ଉପଦ୍ରବ କଲେ ଯେ ଗାଁ ଏବେ ଜନଶୂନ୍ୟ ହୋଇଯାଇଛି । ଗ୍ରାମବାସୀ ଘର ଛାଡ଼ି ଚାଲିଯିବା ପରେ ହାତୀପଲ ବାକି ସମସ୍ତ ଘରକୁ ଭାଙ୍ଗି ଦେଇଛନ୍ତି । ଏହି ଗାଁରେ ଏବେ ଗୋଟିଏ ଘର ଦେଖିବାକୁ ମିଳୁନାହିଁ । ଏ ସମ୍ପର୍କରେ ମୁରଲୀ ସନଙ୍ଗୀ କୁହନ୍ତି, ଭିଟାମାଟି ଛାଡ଼ିବାକୁ ଇଚ୍ଛା ନଥିଲା । କିନ୍ତୁ ଜୀବନ ବଞ୍ଚାଇବାକୁ ଆମେ ଗାଁ ଛାଡ଼ିଛୁ । ସରକାର ଯଦି ଛାତଘର ଦିଅନ୍ତେ ତେବେ ଆମେ ପୁଣି କାଳିଆପାଣି ଗାଁରେ ରହିପାରନ୍ତୁ ବୋଲି ମୁରଲୀ କହିଛନ୍ତି ।

ସମୁଦ୍ରରେ ବୁଡ଼ିଯାଇଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ, ୧୦/୦୭ (ନି.ପ୍ର): ଦିଗବାରେଣି ନିକଟ ସମୁଦ୍ରରେ ଆଜି ଜଣେ ପର୍ଯ୍ୟଟକ ରିପ କରେଣ୍ଟରେ ପଡ଼ି ଗୁରୁତର ହେବା ସହ ବୁଡି ଯାଇଥିଲେ । ହରଚଣ୍ଡି ଲାଇଫ ଗାର୍ଡ ଓ କାଳିମା ଲାଇଫ ଗାର୍ଡ ର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରିଥିଲେ । ଦିଗବାରେଣି ନିକଟରେ ବୁଡି ଯାଇଥିବା ବେଳେ ବ୍ଲୁ ଫ୍ଲାଗ ନିକଟରୁ ତାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପର୍ଯ୍ୟଟକଙ୍କ ପରିଚୟ ଜଣାପଡିନି । ଲାଇଫ ଗାର୍ଡ ସହାୟତାରେ ତାଙ୍କୁ ମେଡ଼ିକାଲରେ ଭର୍ତି କରାଯାଇଛି । ଉଦ୍ଧାର କର୍ତା ହେଲେ ହରଚଣ୍ଡି ଲାଇଫ ଗାର୍ଡର ମୋଡୁ ଗୋବିନ୍ଦା, ଆପିଲି ଦେବରାଜ ଓ କାଳିମା ଲାଇଫ ଗାର୍ଡର ଓଡି ଅରୁଣ । ସମୁଦ୍ରରେ ଏବେ ରିପ କରେଂଟ ସାଙ୍ଘାତିକ ରୂପ ନେଉଛି ।

ପ୍ରତିବର୍ଷ କୂଳ ଖାଉଛି ମହାନଦୀ: ଅସ୍ତିତ୍ୱ ହରାଇବ ମର୍ଜାକୁଦ

ଜିଲ୍ଲାପାଳଙ୍କ ଘୋଷଣା ପରେ ସୁରକ୍ଷା କାନ୍ଥ ନୋହିଲା

ବୌଦ୍ଧ , ୧୦/୦୭ (ନି.ପ୍ର): ବୌଦ୍ଧ ସହରର ଅବିଚ୍ଛେଦ୍ୟ ଅଙ୍ଗ ମର୍ଜାକୁଦ ଦ୍ୱୀପ । ଚାରିପଟରୁ ମହାନଦୀ ଘେରି ରହିଥିବା ବେଳେ ବୌଦ୍ଧଗଡ଼ ଏନ୍‌ଏସିର ଦୁଇଟି ୱାର୍ଡ ଏଠାରେ ରହିଛି । ଆନୁଷ୍ଠାନିକ ଉଦ୍ଘାଟନ ହୋଇ ନଥିଲେ ମଧ୍ୟ ୨୦୨୨ ଜୁନ୍ ମାସରୁ ମର୍ଜାକୁଦ ସେତୁରେ ଯାତାୟାତ ଆରମ୍ଭ ହୋଇଛି । ବୌଦ୍ଧ ସହରରେ ସରକାରୀ ଜମିର ଅଭାବ ଓ ମର୍ଜାକୁଦରେ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି । ଜିଲ୍ଲା ପ୍ରଶାସନର ମାନସ ପ୍ରକଳ୍ପ ପର୍ଯ୍ୟଟନ ଶିଳ୍ପର କେନ୍ଦ୍ରସ୍ଥଳ ଏଠାରେ କରିବା ପାଇଁ ଯୋଜନା କରାଯାଇଛି । ହେଲେ ବିପଦରେ ରହିଛି ମର୍ଜାକୁଦ । ପ୍ରତିବର୍ଷ ବନ୍ୟା ସମୟରେ ମହାନଦୀ ଚାରିପଟରୁ ଖାଇଚାଲିଛି । ଅନେକ ଲୋକଙ୍କ ରୟତି ଜମି ଓ ଡିହ ମହାନଦୀ ଗର୍ଭରେ ମିଶିଲାଣି । ଗ

ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ, ୧୦/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରରେ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ହାଇସ୍କୁଲ ସ୍ତରୀୟ ପିଲାମାନଙ୍କ ମଧ୍ୟରେ ଏକ ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭଦ୍ରକ ପୌରାଞ୍ଚଳର ସମସ୍ତ ସ୍କୁଲ୍ ଓ ଜିଲ୍ଲାର ପ୍ରତି ବ୍ଲକ୍‌ରୁ ୨ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିବା ନେଇ ପୂର୍ବରୁ ପ୍ରସ୍ତୁତି କରାଯାଇଥିଲା । ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଶଶଧର ମହନୀ ପ୍ରମୁଖ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଧାମନଗର ବ୍ଲକ୍‌ର ମୁରଲୀଧର ହାଇସ୍କୁଲ, ଧୁଷୁରୀର ପ୍ରାଚୀ ମିଶ୍ର ପ୍ରଥମ, ଏସ୍.ବି.ଡି. ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ, ଭଦ୍ରକର ତୃପ୍ତି ତନୟା ପଣ୍ଡା ଦ୍ୱିତୀୟ, ତିହିଡ଼ି ବ୍ଲକ୍‌ର ସି.ଆର.ଏସ୍. ହାଇସ୍କୁଲର ଅଭିଷେକ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୂଚନାଯୋଗ୍ୟ କି ଆସନ୍ତା ୧୬ ତାରିଖ ରବିବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ମାଟିର ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ପାଳନ କରାଯିବ । ଓଡ଼ିଶା ସରକାରଙ୍କ ଦ୍ୱାରା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ରାଜ୍ୟ ସ୍ତରରେ ଭୁବନେଶ୍ୱରଠାରେ ମଧ୍ୟ ଏହି ଜୟନ୍ତୀ ପାଳନ କରାଯାଇଥାଏ ।

'ଭାବ ବିନୋଦିଆ' ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୦/୦୭ (ନି.ପ୍ର):୭ କବି ବିରେନ୍ଦ୍ର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଏବଂ ଏସ୍.ଏସ୍. ମ୍ୟୁଜିକ୍‌ର ମିଳିତ ଉଦ୍ୟମରେ ଭାବ ବିନୋଦିଆର ପ୍ରଥମ ବାର୍ଷିକ ଉତ୍ସବ ବାଲେଶ୍ୱର ସହର କାଳିଦାସୁପର ସ୍ଥିତ "ଉତ୍କଳବାଣୀ କଳା କେନ୍ଦ୍ର" ପରିସରରେ ଅନୁଷ୍ଠିତ ହୋଇଛଯାଇଛି । ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ ଓ ଚିତ୍ରାଙ୍କନ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ପ୍ରତ୍ୟେକ ବିଭାଗରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟା ଅଧିବେଶନରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ତଥା ସାହିତ୍ୟ ସଂସ୍କୃତି ଆଧାମ୍ରିକ ପ୍ରତିକା ଭାବ ବିନୋଦିଆର ମୁଖ୍ୟ ସମ୍ପାଦକ ରାଷ୍ଟ୍ରପତି ପୁରସ୍କାରପ୍ରପ୍ତ ଶିକ୍ଷକ ବୈକୁଣ୍ଠ ନାଥ ଶତପଥୀ ପୌରହିତ୍ୟ କରିଥିଲେ । ଉତ୍ସବର ଉଦ୍‌ଘାଟକ ଭାବେ ବାଲେଶ୍ୱର ସଦର ତହସିଲଦାର ନିର୍ଲିପ୍ତା ମହାନ୍ତି, ମୁଖ୍ୟ ଅତିଥି ସମାଜଶେବୀ ଅଭୟ ଦାସ, ମୁଖ୍ୟ ବକ୍ତା ଇଂ. ଅଭୟ ସୂତାର, ସମ୍ମାନୀତ ଅତିଥି ଚିତ୍ର ଶିଳ୍ପୀ କେଶୁ ଦାସ, ଅଧ୍ୟାପକ ନିହାର ରଞ୍ଜନ କର, ପ୍ରଭୁପଦ ମହାନ୍ତି, ସୋମନାଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ଅଧାମ୍ରିକ ଜାଗରଣ ସୃଷ୍ଟି ଦିଗରେ ଅନୁଷ୍ଠାନର ପ୍ରଚେଷ୍ଟାକୁ ଭୁୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଉଲ୍ଲେଖ୍ୟନୀୟ ଅବଦାନ ଦୃଷ୍ଟିରୁ କବି ବିରେନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଫେସର ଡ. ଜନାର୍ଦ୍ଦନ ବେହେରା, ପ୍ରଫେସର ଡ. ବିଜୟ କୁମାର ମହାନ୍ତି, ଡାକ୍ତର ଜୟନ୍ତ କୁମାର ଦାସ, ଅଧ୍ୟାପକ ନିହାର ରଞ୍ଜନ କର, ସୁଶ୍ରୀ କୁମାରିକା ନାୟକ, ନାରିକବି ପ୍ରଭାତୀ ଭୂୟାଁ, ପ୍ରଭୁପଦ ମହାନ୍ତି, ଜାନକୀ ପାଢ଼ୀ, ଗୋପିନାଥ ପାଣିଗ୍ରାହୀ, ତପସ୍ୱିନୀ ମହାନ୍ତି, ସୁନିଲ କୁମାର ପାଣି, ବିମ୍ବାଧର ସାମଲ, କମଳ ଦାସଙ୍କ ଭଳି ପ୍ରତିଭାମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । 'କାଳିଆ ତୁ ମୋର ଖେଳ ସାଥୀ' ଅଡ଼ିଓ କ୍ୟାସେଟ୍‌ର କଣ୍ଠଶିଳ୍ପୀ, ସୁଶ୍ରୀ ଶୁଭ୍ରାଲିନ ନାୟକଙ୍କୁ ମୁଖ୍ୟ ଅତିଥି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ଶୁଭ୍ରାଲିନଙ୍କ ପିତା ହେଉଛନ୍ତି 'ଭାବ ବିନୋଦିଆ' ପତ୍ରିକାର ସହ-ସମ୍ପାଦକ । ଅନୁଷ୍ଠାନର ସମ୍ପାଦକ ରତିକାନ୍ତ ଦାସ ଅନୁଷ୍ଠାନର ବିବରଣୀ ପାଠ କରିଥିବା ବେଳେ କବି ବୀରେନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିରେ ଅନୁଷ୍ଠିତ ଭାବ ବିନୋଦିଆ ପ୍ରତିଷ୍ଠାନର ସମସ୍ତ କାର୍ଯ୍ୟକ୍ରମ ସମୟର ଚକ୍ର ସମ୍ବାଦପତ୍ରର ସଂପାଦକ ସର୍ବେଶ୍ୱର ଜେନା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

ଦ୍ୱୀପାଟଂଳ କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା

ଧର୍ମଶାଳା, ୧୦/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ବିଦ୍ୟୁତ୍ ଦର ଅହେତୁକ ବୃଦ୍ଧି ଓ ଏହାର ସମସ୍ୟାକୁ ନେଇ ଆଜି ଦୀପାଟଂଳ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବରୀ ନିର୍ବାଚନ ମଣ୍ଡଳୀର ମହିଳା କଂଗ୍ରେସ ନେତ୍ରୀ ଆରତୀ ଦେଓଙ୍କ ସଭାପତିତ୍ୱରେ ବ୍ରହ୍ମବରଦାସ୍ଥିତ ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଓଡିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିଲେ ମଧ୍ୟ ଦୃଭାଗ୍ୟ ଓ ପରିତାପର ବିଷୟ ଯେ ବିଦ୍ୟୁତ୍ ଉପଭୋକ୍ତାମାନେ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛନ୍ତି । ବ୍ରହ୍ମବରଦା ସମେତ ମହେଶ୍ୱରପୁର ବନ୍ଧଡିହ ଓ ଅର୍ଥଙ୍ଗା ଅଂଚଳର ଶହଶହ ଉପଭୋକ୍ତାମାନେ ଏଥିରେ ସାମିଲ ହୋଇ ସେମାନଙ୍କ ସମସ୍ୟାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏବଂ ଅଂଚଳରେ ବିଜୁଳି କାଟ ବନ୍ଦ,ସବ୍ ଷ୍ଟେସନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା,ଅହେତୁକ ବିଦ୍ୟୁତ ଦର ବୃଦ୍ଧିକୁ ହ୍ରାସ କରିବା,ବିଦ୍ୟୁତ ଦେୟ ପ୍ରତିମାସରେ ଏକ ନିର୍ଦ୍ଧିଷ୍ଟ ତାରିଖରେ ଆଦାୟ କରିବା,ବକେୟା ବିଦ୍ୟୁତ୍ ଦେୟ ଆଦାୟ ବେଳେ ଉପଭୋକ୍ତାଙ୍କ ଉପରେ ଜୋର ଜୁଲମ ନ କରିବା ଓ ବିଦ୍ୟୁତ ଭିତିଭୂମି ପାଇଁ ଖର୍ଚ୍ଚ କରାଯାଉଥିବା ୨୦ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରିବା ଆଦି ୬ ଗୋଟି ଦାବି କରି ଏକ ଦାବି ପତ୍ର ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଉଦ୍ଦେଶ୍ୟରେ କୁଆଖିଆ ଏସ୍‌ଡିଓ ସୀତାଶୁଂ ଶେଖର ଶତପଥୀଙ୍କୁ ପ୍ରଦାନ କରାଯିବା ସହିତ ତୁରନ୍ତ ଏହାର ସମାଧାନ ନ ହେଲେ ଅଂଚଳର ଶହଶହ ମହିଳା ଓ ପୁରୁଷ ଉପଭୋକ୍ତାମାନେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସ ନେତ୍ରୀ ଶ୍ରୀମତି ଦେଓ ଚେତାବନୀ ଦେଇଥିଲେ ।

ଶିଳ୍ପୋଦ୍ୟୋଗୀ ସ୍ୱର୍ଗତ ହିମାଂଶୁ ଦାସଙ୍କ ପତ୍ନୀ ଚିନ୍ମୟୀ ଦାସଙ୍କ ପରଲୋକ

ବାଲେଶ୍ୱର, ୧୦/୦୭ (ନି.ପ୍ର): ବିଶିଷ୍ଟ ଶିଳ୍ପୋଦ୍ୟାଗୀ ସ୍ୱର୍ଗତ ହିମାଂଶୁ କୁମାର ଦାସଙ୍କ ଧର୍ମପତ୍ନୀ ଚିନ୍ମୟୀ ଦାସଙ୍କର ସୋମବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ହୋଇଥିଲା । ଗତ କିଛିଦିନ ଧରି ସେ ଅସୁସ୍ଥ ରହିବା ସହ ନିୟମିତ ଚିକିତ୍ସିତ ହେଉଥିଲେ । ଗତକାଲି ନିଃଶ୍ୱାସ ନେବାରେ ଜଟିଳ ସ୍ଥିତି ଉପୁଜିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ପୂର୍ବାହ୍ଣ ପ୍ରାୟ ୯ଟା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ମୃତଶରୀର ବାଲେଶ୍ୱରରେ ପହଞ୍ଚିବା ପରେ ଆତ୍ମୀୟସଜ୍ଜନ, ବନ୍ଧୁବାନ୍ଧବଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଗୃହରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅପରାହ୍ଣରେ ତାଙ୍କର ପ୍ରାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଆଇଟିଆଇ ପାଖ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଦୁଇପୁତ୍ର ସଂଜୟ ଦାସ ଓ ସଂଗ୍ରାମ ଦାସ ମୁଖାଗ୍ନି ଦେଇଥିଲେ । ଶବଧାରରେ ସଂଜୀବ ଦାସଙ୍କ ସମେତ ନାତି, ନାତୁଣୀମାନେ ଉପସ୍ଥିତ ଥିଲେ । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସାମଜସେବୀ ସୁବାସିନୀ ଜେନା, ସଦର ବିଧାୟକ ସ୍ୱରୂପ ଦାସ, ଅଏନ ସେନ, ଦିଲୀପ ନାୟକ, ବିଷ୍ଣୁ ମୋରେ , ରଜେଶ ଖଣ୍ଡେଲୱାଲ, ମନୀଷ ସରାୱଗୀ, ଚିନ୍ମୟ ବିଶ୍ୱାଳ,

ମନୋଜ ରାଉତ, ରଂଜନ ବାଗ, ରଶ୍ମିରଂଜନ ଦାସ, ବଂଶୀଧର ଜେନା, ଡ. ଶ୍ରୀମାନ ଶ୍ରୀଚନ୍ଦନ, ଅସିତ ଦାସ, ସତ୍ୟ ଦାସ, ଜୟରାମ ଦାସ, ସତ୍ୟପ୍ରକାଶ ପତି, ତୁଷାରକାନ୍ତ ତପସୀ, ଦେବଦତ୍ତ ଦାସ, ସମ୍ମିତ ବିଶ୍ୱାଳ ପ୍ରମୁଖ ଶବ ଶୋଭାଯାତ୍ରାରେ ଯୋଗଦେବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଜଣେ ସରଳ, ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ତଥା ଧର୍ମପ୍ରାଣ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ବାଲେଶ୍ୱର,୧୦।୭(ନିପ୍ର): ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମର ସୋମବାର ଶୁଭାରମ୍ଭ ହୋଇଛି । ଡେଙ୍ଗୁ, ଡ଼ାଇରିଆ, ମ୍ୟାଲେରିଆ, ଯକ୍ଷ୍ମା ଓ କୁଷ୍ଠ ଆଦି ପାଞ୍ଚଟି ରୋଗର ଜିଲାସ୍ତରୀୟ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଜିଲାବ୍ୟାପୀ ଆଶାକର୍ମୀମାନେ ଘରକୁ ଘର ଯାଇ ଏହି ସର୍ବେକ୍ଷଣ କାର୍ଯ୍ୟ

କରିବେ । ସମସ୍ତ ଘରେ ଓ ଆର ଏସ ପାଉଡର ଦେବା ସହ ପାଞ୍ଚ ବର୍ଷରୁ କମ ପିଲାଙ୍କୁ ଜ଼ିଙ୍କ ବଟିକା ପ୍ରଦାନର ବ୍ୟବସ୍ଥା ରହିଛି । ଏନେଇ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଓଆରଏସ କର୍ଣ୍ଣର ଖୋଲିବା ସହ ହାତଧୁଆ ଏବଂ ଓଆରଏସ ଦ୍ରବଣ ପ୍ରସ୍ତୁତି ସମ୍ପର୍କରେ ତାଲିମ ବ୍ୟବସ୍ଥା କରାଯାଇଛି । ଜିଲାର ମୋଟ ୪୯୨୬୪୪ ଗୃହ ପରିଦର୍ଶନ କରିବା ସହ ୨୧୨୪୫୮ ପ୍ୟାକେଟ ଓଆରଏସ ବାଣ୍ଟିବାର ଯୋଜନା ରହିଛି ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଛନ୍ତି ।ଏହି ପରୀପ୍ରେକ୍ଷୀରେ ଏକ ସଚେତନତା ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ମିଶ୍ରଙ୍କ ସମେତ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ଅରୂପ ଅଭିଷେକ, ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ପୋଷ୍ଟରକୁ ଉନ୍ମୋଚନ କରିବା ସହିତ ସର୍ବେକ୍ଷଣର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ସୂର୍ଯ୍ୟଜିତ ରାୟ, ଏଲିନା ସାମଲ ଓ ରମଣୀ କାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

ବସ୍ତା ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବସ୍ତା, ୧୦/୦୭ (ନି.ପ୍ର): ଜିଲାପାଳ ଦତ୍ତା ତ୍ରେୟ ଭାଉସାହେବ ସିନ୍ଧେ ଓ ଜିଲା ଆରକ୍ଷ ଅଧୀକ୍ଷକ ସାଗରିକା ନାଥ ସୋମବାର ବସ୍ତା ବ୍ଲକ କାର୍ଯ୍ୟ ।ଳୟରେ ପହଞ୍ଚି ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା ।ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ର ତାତି ଦେଖିବା କୁ ମିଳିଥିଲା । ସରକାର ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତି ବ୍ଲକରେ ପ୍ରତି ତିନି ମାସରେ ଜିଲ୍ଲା ର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କୁ ନେଇ ଜନଶୁଣାଣୀ ଶିବିର ମାଧମରେ ସମସ୍ୟାର ସମାଧାନ କରିଥାନ୍ତି । ହେଲେ ବାରମ୍ବାର ଲୋକେ ଶିବିରକୁ ଆସି ଅଭିଯୋଗ କରି ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହେବାକୁ ପଡ଼ିଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଂଜନ ,ଡେପୁଟି ଜିଲାପାଳ ସ୍ମୃତି ରଞ୍ଜନ ମଲ୍ଲିକ, ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୁଲାଲ ସେନ ଜଗଦ୍ଦେବ, ତହସିଲଦାର ରାଧାରଂଜନ ଦାସ,ବିଡ଼ିଓ ସତ୍ୟଜିତ ମହାନ୍ତିଙ୍କ ସମେତ ବ୍ଲକ ତଥା ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତି ଥିଲେ । ହେଲେ ଶିବିର ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାତି ଦେଖିବାକୁ ମିଳିଥିଲା । ବାରମ୍ବାର ଶିବିର କୁ ଆସି ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରି ମଧ୍ୟ କୌଣସି କାମ ହେଉନଥିବା କହିଛନ୍ତି ସାଧାରଣ ଲୋକ ଠାରୁ ନେତୃତ୍ୱ ମଣ୍ଡଳୀ ।ତେବେ ସମୁଦାୟ ୨୩୬ ଟି ଅଭିଯୋଗ ପ୍ରକୋଷ୍ଠ କୁ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଉପରେ ୧୪୪ ଟି , ଗ୍ରୁପ ଗୁଡିକରୁ ୩୪ ଏବଂ ବ୍ୟକ୍ତି ଗତ ୫୮ ଟି ଅଭିଯୋଗ ଆସିଥିବା ଜଣାପଡିଛି ।, ଶିବିର କୁ ମୁଖ୍ୟତଃ, ପ୍ରଧାନମନ୍ତ୍ରୀ ଆବାସ,ଓ୍ୱାଟସନ, ଚୋରାବାଲି ଚାଲାଣ, ହେଣ୍ଡିକ୍ୟାପ୍ଟ ସାର୍ଟିଫିକେଟ ,ଭତା , ପ୍ରଧାନମନ୍ତ୍ରୀ ଆବାସ ଘୋଟାଲା ରେ ନିରପେକ୍ଷ ତଦନ୍ତ ,ବସ୍ତା କୁ ଏନ ଏ ସି ,ବସ୍ତା ରେ କଲେଜ ,ଗାନ୍ଧିଛକ ଓ ବସ୍ତା ରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଇତ୍ୟାଦି ସମସ୍ୟା ବିଷୟରେ ଅଭିଯୋଗ ଦେଖିବାକୁ ମିଳିଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

କ୍ୟାବିନେଟ ବୈଠକରେ....

କେନ୍ଦ୍ରାପଡ଼ାର ଆଳି ଓ ରାଜକନିକା ଏବଂ ଭଦ୍ରକର ଚାନ୍ଦବାଲିକୁ ସବୁଦିନିଆ ଯୋଗାଯୋଗ ସୁନିଶ୍ଚିତ ହେବା ଦିଗରେ ୯୭.୨୪ କୋଟି ବ୍ୟୟବରାଦକୁ କ୍ୟାବିନେଟ୍ ରେ ମଞ୍ଜୁରୀ ମିଳିଛି । ସେହିପରି କୁଇ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ପ୍ରସ୍ତାବକୁ ସୁପାରିଶ କରାଯାଇଛି । ଏହାଦ୍ୱାରା କୁଇ ଭାଷା, ସଂସ୍କୃତିର ସଂରକ୍ଷଣ, ବିକାଶ, ପ୍ରଚାର ପ୍ରସାର ଏବଂ ଗବେଷଣା ଆହୁରି ବ୍ୟାପକ ହେବା ସହ ୭ ଲକ୍ଷରୁ ଅଧିକ କୁଇ ଭାଷାଭାଷୀ ଜନଜାତି ଲୋକ ଉପକୃତ ହେବେ । ବିଦ୍ୟୁତ ବିତରଣ ଭିତିଭୂମି ସୁଦୃଢ ସହ ପୁରୁଣା ଓ କ୍ଷତିଗ୍ରସ୍ତ ବିଦ୍ୟୁତ ତାର ପରିବର୍ତ୍ତନ, ନୂତନ ୩୩ କେଭି ଓ ୧୧ କେଭି ଲାଇନ ନିର୍ମାଣ ପାଇଁ ୩୮୪୩ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ଦିଆଯାଇଛି । ବଲାଙ୍ଗିରର ରାଜେନ୍ଦ୍ର କଲେଜକୁ ୮ ଏକର ୬୯୩ ଡ଼ିସିମିଲ ଜମି ମାଗଣାରେ ଯୋଗାଇଦିଆଯିବ । ସେହିପରି କୋରାପୁଟ ଜିଲ୍ଲାର ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟର କୋଠା ନିର୍ମାଣ ନିମନ୍ତେ ୫ ଏକର ଜମି ବିନା ପ୍ରିମିୟମରେ ଯୋଗାଇଦିଆଯିବ ।

ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ...

ଷଡ଼ଯନ୍ତ୍ର ବୋଲି କହିଛନ୍ତି ସଂଯୁକ୍ତା । ଶ୍ରୀକାନ୍ତ ସାହୁ ତାଙ୍କ ପରିବାର ଲୋକଙ୍କୁ ମୋହରା କରି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ । ଶ୍ରୀକାନ୍ତ ସାହୁଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦେବା ଏବଂ ସୁରକ୍ଷା ଦାବି କରି ମହିଳା ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ପରେ ପରେ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେବା ସହ ନ୍ୟାୟ ନ ମିଳିଲେ ଦଳର ମୁଖିଆଙ୍କୁ ମଧ୍ୟ ଅବଗତ କରାଇବେ ବୋଲି ସେ କହିଛନ୍ତି ।

ଫ୍ରାନ୍ସଠାରୁ ୨୬ ରାଫେଲ....

ଉପଲବ୍ଧ କରିବାକୁ ଆଲୋଚନା କରିବେ । ଏହି ପ୍ରସ୍ତାବ ନେଇ ସୁରକ୍ଷା ବିଭାଗର ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ସରିଥିବା ବେଳେ ଖୁବ୍‌ଶୀଘ୍ର ସୁରକ

ମଙ୍ଗଳବାର, ଜୁଲାଇ ୧୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଆଦ୍ୟ ସୋମବାରରେ ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡିଆଙ୍କ ଜଳଲାଗି

ନୀଳଗିରି , ୧୦/୦୭ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଠାରେ ଶ୍ରାବଣୀ ପ୍ରଥମ ସୋମବାର ଅବସରରେ କାଉଡ଼ିଆ ଭକ୍ତମାନେ ଜଳଲାଗି କରିଛନ୍ତି । ଏବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ କାଉଡ଼ିଆ ମାନେ ୮ସୋମବାର ଜଳ ଢାଳିବାର ସୁଯୋଗ ପାଇବେ । ତେଣୁ ଏହି ଅବସରରେ କାଉଡ଼ିଆ ମାନେ ଦୂର ଦୁରାନ୍ତରୁ ପୁଣ୍ୟ ନଦୀରୁ ଜଳଆଣି ଜଳଭାର ବୋହି ବୋଲବମ୍ ହରହର ବମ୍, ଭୋଲେବାବା ପାର କରେଗା, ଜଟିଆ ବାବା ପାର କରେଗଷ ଧ୍ୱନି ଦେଇ ପଞ୍ଚଲିଙ୍ଗଶ୍ୱର ପୀଠରେ ପାଣି ଢାଲୁଥିବା ଦେଖିବାକୁ ମିଳିଛି । ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭକ୍ତଙ୍କୁ ସୁବିଧାରେ ପାଣି ଢ଼ାଳିବଷ୍ଟ ଓ ସୁନ୍ଦର ଦର୍ଶନ କରିବା ସହିତ ଭକ୍ତମାନେ ଯେପରି କୌଣସି ଅସୁବିଧାରେ ନ ପଡନ୍ତି ସେଥିପ୍ରତି କମିଟି ସଜାଗ ରହିଛି । ଏଥି ସହିତ ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ସହିତ ପଲିଥିନ, ଜରି, ମାଠିଆ ସମେତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଏଠିସେଠି ନ ପକାଇ ଟ୍ରଷ୍ଟ ପକ୍ଷରୁ ଚିହ୍ନିତ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ଅନୁରୋଧ କରାଯାଇଛି ।

୯ନଂ ଜୋନ୍‌ରେ ଜଳେଶ୍ୱର ବିଜେପିର ମହାଜନସଂପର୍କ ଯାତ୍ରା

ଜଳେଶ୍ୱର , ୧୦/୦୭ (ନି.ପ୍ର): କେନ୍ଦ୍ରସରକାରଙ୍କ ୯ବର୍ଷ ପୁର୍ତ୍ତି ଅବସରରେ ନିର୍ବାଚନମଣ୍ଡଳୀ ସ୍ତରୀୟ ଜଳେଶ୍ୱର ବିଜେପି ପକ୍ଷରୁ ସୁଗୋ ଠାରେ ଜନସଂପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯୁବନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅଭିଜିତ୍ ପ୍ରଧାନ, ମନୋଜ ସାସମଲ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ସିଦ୍ଧେଶ୍ୱର ପଣ୍ଡା, ସଂଜୀବ ରାଉତ ପ୍ରମୁଖ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନା ସଂପର୍କରେ ବର୍ଣ୍ଣନା କରିଥିଲେ । ସ୍ୱପ୍ନେଶ୍ୱର ମଣ୍ଡଳର ବହୁ କର୍ମୀ ଓ ନେତୃମଣ୍ଡଳି ଘରକୁ ଘର ବୁଲି ସଚେତନର ବାର୍ତ୍ତା ଦେଇଥିଲେ ।

ବଜ୍ରାଘାତରେ ମା’ ଓ ପୁଅ ମୃତ

ଜୟପୁର, ୧୦/୦୭ (ନି.ପ୍ର):ବଜ୍ରାଘାତରେ ମା ଓ ପୁଅ ମୃତ । ଏଭଳି ଘଟଣା ଘଟିଛି ବୋରିଗୁମ୍ମା ବ୍ଲକର ଅଂଚଳା ଗାଁ ରେ । ଘଟଣାରୁ ପ୍ରକାଶ ଯେ, ଆଜି ଅଂଚଳା ଗାଁ ର ଲିଙ୍ଗରାଜ ହାଲବା ନିଜ ସ୍ତ୍ରୀ ଦୁରୁବତୀ ହାଲବା ଏବଂ ପୁଅ ଦୀପକ ହାଲବା ମିଶି ନିଜ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିଲେ । ହଠାତ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଲିଙ୍ଗରାଜ ଜମିରୁ ବାହାରି ଏକ ସୁରକ୍ଷିତ ସ୍ଥାନକୁ ଯାଇଥିଲେ । ହେଲେ ତାଙ୍କ ସ୍ତ୍ରୀ ଦୁରୂପତା ଓ ପୁଅ ଦିପକ ଜମିରୁ ବାହାରିବା ବେଳେ ହୋଇଥିଲା ବଜ୍ରାଘାତ । ଫଳରେ ଉଭୟ ସ୍ତ୍ରୀ ଓ ପୁଅ ଅଚେତ ହୋଇ ଚାଷ ଜମିରେ ହିଁ ଟଳି ପଡ଼ିଥିଲେ । ତାଙ୍କୁ ସେଠାରୁ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା, ହେଲେ ମେଡ଼ିକାଲରେ ଉଭୟ ମା ଓ ପୁଅଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ମାତ୍ର କେଇ ମୂହୁର୍ତ ମଧ୍ୟରେ ଲିଙ୍ଗରାଜଙ୍କ ଆଖି ଆଗରେ ହିଁ ତାଙ୍କ ପରିବାର ଉଜୁଡି ଗଲା । ଯାହାକୁ ନେଇ ଭାଙ୍ଗି ପଡ଼ିଛନ୍ତି ଲିଙ୍ଗରାଜ । ମୃତ ପୁଅ ଦୀପକ ମେଟ୍ରିକ ପଢୁଥିବା ବେଳେ ବାପା ଓ ମାଙ୍କୁ ଚାଷ କାର୍ଯ୍ୟରେ ସହଯୋଗ କରୁଥିଲା ।

ସ୍କର୍ପିଓ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା : ବାଇକ ଚାଳକ ମୃତ

ନୀଳଗିରି, ୧୦/୦୭ (ନି.ପ୍ର): ଏକ ସ୍କର୍ପିଓ ଓ ବାଇକ ମୁହାଁମୁହିଁ ଧକକା ଯୋଗୁଁ ମର୍ମନ୍ତୁଦ ସଡ଼କଦୁର୍ଘଟଣାରେ ବାଇକ ଚାଳକ ମୃତହୋଇଛି ।ଏଭଳି ଏକ ଅଭାବନୀୟ ଘଟଣା ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ଅଧୀନ ପାଟଣା ପୋଲ ନିକଟରେ ଦେଖିବାକୁ ମିଳିଛି ।ସୂଚନା ଯୋଗ୍ୟ ବାଲେଶ୍ୱରରୁ ଏକ ଡାକ୍ତରି ଟିମ ଧରି ସ୍କର୍ପିଓ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଭିମୁଖେ ଯାଉଥିଲାବେଳେ ଅପର ପାର୍ଶ୍ୱରୁ ମାଟିଆଳି ସବ ପୋଷ୍ଟ ଅଫିସର କର୍ମଚାରୀ ନିରଞ୍ଜନ ସିଂ ବାଇକ ଯୋଗେ ମିତ୍ରପୁର ଅଭିମୁଖେ ଯାଉଥିଲେ ।ଅଯୋଧ୍ୟା ନିକଟସ୍ଥ ପୋଲ ନିକଟରେ ଉଭୟ ଗାଡି ମୁହାଁମୁହିଁ ଧକ୍କା ହୋଇ ବିଲ ତଳକୁ ଉଭୟ ଗାଡି ଖସି ପଡିଥିଲା ।ଯାହା ଫଳରେ ବାଇକ ଚାଳକ ଜଣକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ୧୦୮ କୁ ଫୋନ କରି ଆହତଙ୍କୁ ଡାକ୍ତରଖାନା ପଠାଇଥିଲେ ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା ।ଅଯୋଧ୍ୟା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର ୧୦/୭ (ନିପ୍ର) ବାଲିଆପାଳବ୍ଲକ ଜାମକୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହ୍ଲାଚଡ ଏବଂ ବଡତାଳପଦା ବାତ୍ୟା ଆଶ୍ରୟ ସ୍ଥଳୀ ଠାରେ ସ୍ଥାନୀୟ ଲୋକ ମାନଙ୍କ ଦ୍ୱାରା କମିଟି ତଥା ଟାସ୍କ ଫୋର୍ସ ଦଳଙ୍କୁ ସ୍ୱାବଲମ୍ବୀ କରିବା ଓ ବିପର୍ଯ୍ୟୟ ର ମୁକାବିଲା କରିବା ପାଇଁ ଡଝଉଗଇ ତରଫରୁ ୧୧ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅଛି । ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ପାଇଁ ମୁଖ୍ୟ ଅତିଥି ଭାବେ ଜାମକୁଣ୍ଡା ପଂଚାୟତ ସରପଂଚ ଙ୍କ ପ୍ରତିନିଧି ଜଗନ୍ନାଥ ମାହାନା , ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ଗାୟତ୍ରୀ ଦଳାଇ ଏବଂ ବାଲେଶ୍ୱର ସାମାଜିକ ସେବା ସଂସ୍ଥା ଇଝଝଝ ପ୍ରକଳ୍ପ ସଂଯୋଜକ ସିଲୁ ସାହା ଏବଂ ଭୁବନେଶ୍ୱର ଓ ବାଲେଶ୍ୱର ର ସ୍ଥାନୀୟ ତାଲିମ ଦାତା ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ୨୫ ଜଣ ଲୋକଙ୍କୁ ନେଇ ଏ ଟ୍ରେନିଂ କାର୍ଯ୍ୟକ୍ରମ ହେଉଥିବାର ଦେଖିବାକୁ ମିଳିଛି । ତେବେ ବନ୍ୟା ହେଉ ବା ବାତ୍ୟା ରେ କିପରି ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ସେସବୁ ପ୍ରଣାଳି ମଧ୍ୟ ଶିକ୍ଷାଦାନ ଦିଆଯାଉଥିବାର ଦେଖିବାକୁ ମିଳିଛି । ଉକ୍ତ କାର୍ଯ୍ୟକ୍ରମକୁ ବାତ୍ୟା ଆଶ୍ରୟ ସ୍ଥଳୀ ର ସମ୍ପାଦକ ମାନେ ପରିଚାଳନା କରିଥିଲେ ।ଏଥିରେ ବ୍ଲକ ଅଧିକାରୀ ମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରୁଥିବାର ଦେଖିବାକୁ ମିଳିଛି । ଅନ୍ୟ ମାନଙ୍କ ମଧ୍ୟରେ ସଂଜୟ କୁମାର ସାହୁ, ନିର୍ମାଲ୍ୟ ଜେନା , ଗୋକୁଲ ସାହୁ , ଅଜୟ ସେନାପତି , ଚକ୍ରଧର ସାହୁ , ବିକ୍ରମ ବେହେରା , ଶ୍ରୀ ନିବାସ ସାହୁ , ସୁଧିର ଜେନା ପ୍ରମୁଖ ସହଯୋଗ କରିଥିଲେ ।

ଭଣ୍ଡାରିପୋଖରୀ ଜନ ଶୁଣାଣି ଶିବିରରେ ୪୩ଟି ଅଭିଯୋଗ ଆଗତ

ଭଦ୍ରକ, ୧୦/୦୭ (ନି.ପ୍ର): ଚଳିତ ମାସର ଦ୍ୱିତୀୟ ସୋମବାରରେ ଭଣ୍ଡାରିପୋଖରୀ ବ୍ଲକ୍‌ରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୪୩ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ସଂଖ୍ୟା ୩୮ ଓ ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ସଂଖ୍ୟା ୫ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ଧାମନଗର ବ୍ଲକ୍‌ର ଜାହାଙ୍ଗୀର ଅଞ୍ଚଳର ଦୃଷ୍ଟିବାଧିତ ସୌଭାଗ୍ୟ ସେଠୀ, ପିତା ବିନୋଦ ସେଠୀଙ୍କୁ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଭଣ୍ଡାରିପୋଖରୀର ବାୟାବନାପୁରର ବିଜୟ ଜେନାଙ୍କୁ ଚିକିତ୍ସା ସହାୟତା ବାବଦ ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବି.ଡି.ଓ. ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତି ରହି ଅଭିଯୋଗ ସମାଧାନ ଦିଗରେ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ସୂଚନା ପ୍ରଦାନ କରିଥିଲେ । ଆଗତ ଅଭିଯୋଗ ସବୁର ସମାଧାନ ପାଇଁ ନିୟମାନୁସାରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ହ୍ୱିଲ୍‌ଚେୟାର ୪ଟି, ତିନିଚକିଆ ସାଇକେଲ୍ ୨ଟି, ଦୃଷ୍ଟିବାଧିତ ବାଡ଼ି-୧ଟି, ଏଲ୍‌ବୋ ଷ୍ଟିକ୍-୧ଟି, ଶ୍ରବଣ ଯନ୍ତ୍ର-୨ଟି ବଣ୍ଟନ କରାଯାଇଥିଲା ।

ବେକରେ ଫାଶୀ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ମାଲକାନଗିରି, ୧୦/୦୭ (ନି.ପ୍ର): ବେକରେ ଫାଶୀ ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା । କାରଣ ଅସ୍ପଷ୍ଟ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦରମହକୁମା ବିବିଗୁଡ଼ା କଲୋନୀ ଠାରେ । ଡି. ଜଗମୋହନ ରାଓ ନାମକ ଜଣେ ୬୩ ବର୍ଷୀୟ ବୃଦ୍ଧ । ନିଜେ ବସବାସ କରୁଥିବା ଘର ଭିତରେ ବେକରେ ରଶି ଲଗାଇ ମୃତ୍ୟୁ ବରଣ କରିଛନ୍ତି । ତେବେ ବୃଦ୍ଧ ଜଣକ ଏଭଳି କାଣ୍ଡ ଘଟାଇବା ସମୟରେ ପରିବାର ଲୋକେ ପାଖରେ ନଥିଲେ । ତେବେ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଶ୍ରୀ ଲୋକନାଥଙ୍କୁ ଜଳଲାଗି କଲେ କାଉଡ଼ିଆ

ପୁରୀ, ୧୦/୦୭ (ନି.ପ୍ର): ଶ୍ରାବଣର ପ୍ରଥମ ସୋମବାରରେ ଜଳଲାଗି ପାଇଁ ଶ୍ରୀ ଲୋକନାଥ ପୀଠରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି । ନିଷ୍ଠା ଓ ଭକ୍ତିର ସହ କାଉଡିଆ ଭକ୍ତ ମାନେ ଶ୍ରୀ ଲୋକନାଥଙ୍କୁ ଜଳଲାଗି କରୁଛନ୍ତି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ କାଉଡ଼ିଆଙ୍କ ଜଳଲାଗି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କାଉଡିଆମାନେ ପାର୍ବତୀ ସାଗର ପାଖରୁ ବ୍ୟାରିକେଡରେ ଯାଇ ରୋଷ ଘର ପାଖ ଦେଇ ପହଂଚି ଠାକୁରଙ୍କୁ ଜଳଲାଗି କରୁଛନ୍ତି । ଜଳଲାଗି ପାଇଁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଆୟୁର୍ବେଦ ଚିକିତ୍ସକ ଡା. ପ୍ରଭାତ ରଂଜନ ପ୍ରଧାନ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ବାଲେଶ୍ୱର, ୧୦/୦୭ (ନି.ପ୍ର): ଆୟୁର୍ବେଦିକ ଡାକ୍ତର ସ୍ୱର୍ଗତ ସପ୍ନେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜୟଦେବଭବନ, ଭୁବନେଶ୍ୱର ଠାରେ ଜୁଲାଇ ୯ ତାରିଖ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମହାମହିମ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀଲାଲ୍ କହିଥିଲେ ଯେ ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦ, ଯୋଗ, ପ୍ରାଣାୟାମର ଆବଶ୍ୟକତା ଅଛି । ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ପ୍ରଫୁଲ୍ଲ ସାମଲ, କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ ତଥା ସାରସ୍ୱତ ପ୍ରତିଭା ସୂର୍ଯ୍ୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ସ୍ମୃତି ପରିଷଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ ଚିକିତ୍ସା କ୍ଷେତ୍ରରେ ସ୍ୱର୍ଗତ ଡା. ସପ୍ନେଶ୍ୱର ପଣ୍ଡାଙ୍କ ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ । ବାଲେଶ୍ୱର ବାଲିଆ ବାସିନ୍ଦା ଡା. ପ୍ରଭାତ ରଂଜନ ପ୍ରଧାନଙ୍କୁ ଆୟୁର୍ବେଦ ଚିକିତ୍ସା ଏବଂ ସାମାଜିକ ସେବା ପାଇଁ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ‘ବୈଦ୍ୟରତ୍ନ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଛି । ଡା. ପ୍ରଧାନ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସହଦେବଖୁଣ୍ଟା, ବାଲେଶ୍ୱର ଠାରେ ତାଙ୍କ କ୍ଲିନିକ୍‌ରେ ଚିକିତ୍ସା କରିଆସୁଛନ୍ତି ।

ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା ନେଇ ସିଡିପିଓ ଅଫିସ ସମ୍ମୁଖରେ ଧାରଣା ଦେଲେ ଅଭିଭାବକ

ନୀଳଗିରି , ୧୦/୦୭ (ନି.ପ୍ର): ନୀଳଗିରି ବ୍ଲକ୍ ଧୋବଶିଳା ପଞ୍ଚାୟତ ସାଇଡିଂସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ତାତିଲେ ଅଭିଭାବକ । ଏନେଇ ସୋମବାର ନୀଳଗିରି ସିଡିପିଓ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ଅସ୍ଥାୟୀ ଭାବେ ଅବସ୍ଥାପିତ କର୍ମୀ ଜଣକ ତିନିଗୋଟି କେନ୍ଦ୍ରରେ ଦାୟିତ୍ୱରେ ଥିବା ବେଳେ ସଠିକ୍ ଭାବେ ଦାୟିତ୍ୱ ପରିଚାଳନା କରିପାରିନାହାନ୍ତି । ଯାହାଫଳରେ ଉକ୍ତ କେନ୍ଦ୍ର ଅଧିନରେ ଥିବା ପିଲାମାନେ ସଠିକ୍ ଭାବରେ ଖାଦ୍ୟ, ଡ୍ରେସ୍, ବହି ଇତ୍ୟାଦି ପାଇପାରୁନାହାନ୍ତି । ଏଥି ସହିତ ପାଠ ପଢ଼ାରେ ମଧ୍ୟ ଅବହେଳା ହେଉଛି । ତେଣୁ ତୁରନ୍ତ ଖାଲି ପଡ଼ିଥିବା ପଦବୀରେ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି କରିବାକୁ ଉକ୍ତ କେନ୍ଦ୍ରର ଅଭିଭାବକ ମାନେ ଲିଖିତ ଭାବେ ଉପଜିଲ୍ଲାପାଳ ଏବଂ ସିଡିପିଓ ଙ୍କୁ ଅଭିଯୋଗ କରିଛନ୍ତି । ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତାହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବବୋଲି ଚେତାବନୀ ଦେଇଛନ୍ତି ।

ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଲା କଳାକାର ବାଲେଶ୍ୱର ଟିମର ନାଟକ କଳାମଲ୍ଲୀ

ବାରିପଦା , ୧୦/୦୭ (ନି.ପ୍ର): ସ୍ଥାନୀୟ ସହିଦ ଭବନରେ ସୁପରିଚିତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ସ୍ମୃତିରେ କୁମାର୍ସ କ୍ଲବ ଓ ରୂପାନ୍ତରର ମିଳିତ ସହଯୋଗରେ ଆୟୋଜିତ ତିନିଦିନିଆ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବାଲେଶ୍ୱରର କଳାକାର ନାଟ୍ୟସଂସ୍ଥା ଦ୍ୱାରା ନାଟକ କଳାମଲ୍ଲୀ ମଞ୍ଚସ୍ଥ ହୋଇଯାଇଛି ଓ ସୁଶାନ୍ତ କୁମାର ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଶ୍ରୀତମ କୁମାର ସିଂହ, ଅଳଙ୍କାର ମୁଦୁଲି, ଅନିକେତ କାନୁନଗୋ, ଅମରନାଥ ଗୋଛାୟତ, କମଲ କିଶୋର ଗିରି, ନବୀନ କୁମାର ପାଣି, ପବିତ୍ର ମୋହନ ଦାସ, ପ୍ରଦ୍ୟୁମ୍ନ ମହାଳିକ, ଦିବ୍ୟମାନସ ଚାନ୍ଦ ଓ ଅମିତା ରାଣୀ ସିଂହ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିବା ବେଳେ ବିକାଶ ଚନ୍ଦ୍ର ମହାନ୍ତି କଣ୍ଠଦାନ କରିଥିଲେ. ଜଗନ୍ନାଥ ସଂସ୍କୃତି ଉପରେ ଏକ ଗବେଷଣାତ୍ମକ ନାଟକ ଥିଲା କଳାମଲ୍ଲୀ ଓ ଭକ୍ତ ବଳରାମ ଦାସଙ୍କ ଭକ୍ତିର ପରୀକ୍ଷା କରିବାକୁ ଯାଇ ବିଭିନ୍ନ ଲୀଳା କରିଥିଲେ ପ୍ରଭୁ ଜଗନ୍ନାଥ ଓ ଶେଷରେ ଗଜପତି ପ୍ରତାପରୁଦ୍ରଦେବ ତାଙ୍କୁ ଜଗନ୍ନାଥଙ୍କ ଶ୍ରେଷ୍ଠ ଭକ୍ତ ଭାବେ ଘୋଷଣା କରିଥିଲେ । ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ କିଛି କ୍ଷଣ ପାଇଁ ଦର୍ଶକମାନେ ପ୍ରଭୁଙ୍କ ଲୀଳାରେ ବିହ୍ୱଳ ହୋଇଯାଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାରିପଦା ମ୍ୟୁନିସିପାଲିଟିର ଯୁବ କାଉନସିଲର ଦେବାଶିଷ ପାତ୍ର ଦ୍ୱିତୀୟ ସନ୍ଧ୍ୟାର ନାଟକର ଶୁଭ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର୍ଗତ ତ୍ରିପାଠୀଙ୍କ ସହଧର୍ମିଣୀ ପ୍ରାଧାପିକା ଉଷସୀ ମିଶ୍ର, ନାଟକ ମହୋତ୍ସବର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ, ରୂପାନ୍ତରର ପ୍ରତିଷ୍ଠାତା ପରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲିଆପାଳରେ ଓଜନ ଉତ୍ସବ

ଲଙ୍ଗଳେଶ୍ୱର ୧୦/୭(ନି ପ୍ର): ବାଲିଆପାଳ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ସୋମ ବାର ଓଜନ ଉତ୍ସବ ଡଗରା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମ ,ମାମ ପିଲାମାନଙ୍କୁ କିପରି ସବୁଜ ସ୍ତର କୁ ଅଣାଯିବ ସେ ବିଷୟରେ ଘରର ଅଭିଭାବକ ମାନଙ୍କ ସହିତ ଓଜନ ଉତ୍ସବ ରେ ମିଳି